ଟିପ୍ପଣୀ

# ଏକକ ୧୨: ବାଳିକା ସଶକ୍ତିକରଣ


୧୨.୦: ଉପକ୍ରମ

୧୨.୧: ଶିକ୍ଷଣ ଉଦ୍ଦେଶ୍ୟ

୧୨.୨: ସଶକ୍ତିକରଣର ଅବଧାରଣା / ଧାରଣା

୧୨.୩: ବାଳିକାମାନଙ୍କ ସଶକ୍ତିକରଣ ପାଇଁ ପଦକ୍ଷେପ

୧୨.୪: ଜୀବନ କୌଶଳର ବିକାଶ

୧୨.୫: ବାଳିକା ଏବଂ ମହିଳାମାନଙ୍କର ସଶକ୍ତିକରଣ ନିମନ୍ତେ ବିଭିନ୍ନ ସଂସ୍ଥାମାନଙ୍କର ଭୂମିକା

୧୨.୬: ସାରାଂଶ

୧୨.୭: ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୨.୮: ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୨.୯: ପାଠାନ୍ତ ପ୍ରଶ୍ନାବଳୀ


## ୧୨.୦: ଉପକ୍ରମ

ପୃଥିବୀର ସମୁଦାୟ ଜନସଂଖ୍ୟାର ପାଖାପାଖି ଶତକଡ଼ା ୫୦ଭାଗ ହେଉଛନ୍ତି ମହିଳା, ମାତ୍ର ଏ ପର୍ଯ୍ୟନ୍ତ ସେମାନେ ହେଉଛନ୍ତି ସମାଜର ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାର ଏକ ବିରାଟକାୟ ଗୋଷ୍ଠୀ । ଏପରିକି ସେମାନେ ଦ୍ୱିତୃତୀୟାଂଶ କାର୍ଯ୍ୟ ସମ୍ପାଦନ କରନ୍ତି, କେବଳ ଏକ ତୃତୀୟାଂଶ ପାରିଶ୍ରମିକ ଲାଭ କରନ୍ତି ଏବଂ ଶତକଡ଼ା ଦଶ ଭାଗ ସମ୍ପତ୍ତିର ମାଲିକ ହୋଇଥା'ନ୍ତି । ଆମେ ପୂର୍ବ ଏକକରେ ଜାଣିଛୁ ଯେ କିପରି ଲିଙ୍ଗଗତ ବୈଷମ୍ୟ ଆମ ସମାଜରେ ବାଳିକା ଓ ମହିଳାମାନଙ୍କୁ ବଳପୂର୍ବକ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରିଛି । ପରମ୍ପରାଗତ ଅନ୍ଧବିଶ୍ୱାସ ଏବଂ ଲିଙ୍ଗଗତ ବୈଷମ୍ୟ ଇତ୍ୟାଦି କାରଣରୁ ଅଧିକାଂଶ ମହିଳା ଗ୍ରହଣୀୟ ହୋଇପାରୁନଥିବା ଦାରିଦ୍ର୍ୟ ସ୍ଥିତିରେ ବାସକରନ୍ତି । ଏପରି ହେବାର କାରଣ ହେଉଛି ଅର୍ଥନୈତିକ ସୁଯୋଗ ପ୍ରଦାନ ଓ ସ୍ୱାୟତ୍ତତା ର ଅନୁପସ୍ଥିତି, ଅର୍ଥନୈତିକ ସମ୍ବଳର ଅଭାବ, ଶୈକ୍ଷିକ ଓ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗର ଅଭାବ ଇତ୍ୟାଦି ।ନିଷ୍ପତ୍ତି ନେବା ଏବଂ ବିକାଶଗତ ପ୍ରକ୍ରିୟାରେ ସେମାନେ କିଛି କହିପାରିନଥାନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷା ଓ ସଶକ୍ତିକରଣ ମାଧ୍ୟମରେ ସେମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ଏବଂ ଅଧିକାର ସମ୍ବନ୍ଧରେ ସଚେତନ କରିବା ନିମିତ୍ତ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ଏହି ଏକକରେ ଆମେ ସଶକ୍ତିକରଣର ଧାରଣା, ବାଳିକା ଏବଂ ମହିଳା ମାନଙ୍କୁ ସଶକ୍ତିକରଣ କରିବା ନିମନ୍ତେ ଶିକ୍ଷାର ଭୂମିକା ସଂପର୍କରେ ଆଲୋଚନା କରିବାକୁ ଯାଉଛେ । ଆଉ ମଧ୍ୟ ଜୀବନ କୌଶଳ ବିକଶିତ ହେବାର ଆବଶ୍ୟକତା ଏବଂ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ବାଳିକା ଓ ମହିଳାମାନଙ୍କୁ ସଶକ୍ତି କରିବା ପାଇଁ ନେଇଥିବା ପଦକ୍ଷେପ ଗୁଡ଼ିକ ଆମେ ଦେଖିବା ।

ଟିପ୍ପଣୀ

## ୧୨.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟିକୁ ପଢିସାରିବା ପରେ ତୁମେ ସମର୍ଥ ହେବ:-

- ସଶକ୍ତିକରଣର ଅର୍ଥ ବୁଝାଇବା
- ସଶକ୍ତିକରଣର ବିଭିନ୍ନ ସୂଚକ ଗୁଡ଼ିକୁ ଚିହ୍ନଟ କରିବା ।
- ବାଳିକାମାନଙ୍କୁ ସଶକ୍ତିକରଣ କରିବାର ଆବଶ୍ୟକତାକୁ ବିଶ୍ଳେଷଣ କରିବା ।
- ବାଳିକା ସଶକ୍ତିକରଣ ନିମିତ୍ତ ଶିକ୍ଷାର ଭୂମିକା ଓ ଗୁରୁତ୍ୱ ଆଲୋଚନା କରିବ ।
- ଶିକ୍ଷାର ବିକାଶ ପାଇଁ ସରକାରଙ୍କର ବିଭିନ୍ନ ନୀତି ଓ ପଦକ୍ଷେପ ଗୁଡ଼ିକର ନାମ କହିବା ।
- ସରକାରଙ୍କର ଗ୍ରାମାଞ୍ଚଳ ବାଳିକା ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମର ନାମ ତାଲିକା କରିବ ।
- ବାଳିକା ଏବଂ ମହିଳାମାନଙ୍କ ସଶକ୍ତିକରଣ ନିମିତ୍ତ ବେସରକାରୀ ଅନୁଷ୍ଠାନ ମାନଙ୍କର ଭୂମିକା ଚିହ୍ନଟ କରିବା ।
- ବାଳିକା ଶିକ୍ଷାର ବିକାଶ ନିମନ୍ତେ ଶିକ୍ଷକଙ୍କର ଭୂମିକା ଓ ଦାୟିତ୍ୱ ସଂପର୍କରେ ବୁଝିବା ।
- ଜୀବନ କୌଶଳ ଶିକ୍ଷାର ଗୁରୁତ୍ୱ ସଂପର୍କରେ ଅବଗତ ହେବେ ।

## ୧୨.୨: ସଶକ୍ତିକରଣର ଅବଧାରଣା / ଧାରଣା

ସଶକ୍ତିକରଣର ଧାରଣା ବୁଝିବା ପୂର୍ବରୁ ଆସ ଆମେ ରମାର ଘଟଣା ଅଧ୍ୟୟନ ବିଷୟରେ ପଢିବା ।

ହୁଲିଆପୁର ଏକ ବଡ଼ ଗାଁ ଯେଉଁଠାରେ ଏକ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପଞ୍ଚାୟତ ଅଫିସ୍ ରହିଛି । ରାଧାବାଇ ହେଉଛି ଜଣେ ଅଶିକ୍ଷିତ, ଗରିବ ବିଧବା ମହିଳା ଓ ତିନୋଟି ଛୋଟ ଛୋଟ ଶିଶୁର ଜନନୀ । ସ୍ୱାମୀର ଆକସ୍ମିକ ମୃତ୍ୟୁପରେ, ରାଧାବାଇଙ୍କୁ ଜମିଦାରର ଜମିରେ ମୂଲିଆ ଭାବେ କାମ କରିବାକୁ ପଡ଼ିଲା । ତା'ର ସ୍ୱଳ୍ପ ରୋଜଗାରରେ ତାକୁ ଘର ସଂସାରକୁ ଚଳେଇବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ତେଣୁ ସେ ତାର ବଡ଼ ଝିଅ 'ରମା'(୯ବର୍ଷ)କୁ ତା'କାମରେ ସାହାଯ୍ୟ କରିବା ନିମନ୍ତେ ନେବା ପାଇଁ ସ୍ଥିର କଲା ଓ ଅନ୍ୟ ଦୁଇପିଲା ସିଧୁ(୭ବର୍ଷ), ବାବୁ (୪ବର୍ଷ)କୁ ବିଦ୍ୟାଳୟକୁ ପାଠ ପଢିବା ନିମନ୍ତେ ପଠାଇଲା । ସପ୍ତାହପରେ ଶିକ୍ଷକ ଏହି ଘଟଣା ବିଷୟରେ ଜାଣିବାକୁ ପାଇଲେ । ସେ 'ରମା'ର ଏଭଳି ଅବସ୍ଥା ନିମନ୍ତେ ଦୁଃଖ ପ୍ରକାଶ କଲେ ଓ 'ରମା'ର ଘରକୁ ଯିବାପାଇଁ ନିଷ୍ପତ୍ତି ନେଲେ । ପ୍ରଥମେ ସେ ସ୍ଥାନୀୟ ମହିଳା ସଂଘର ସଦସ୍ୟମାନଙ୍କ ସହିତ ଭେଟ ହେଲେ ଓ ରମାକୁ ବିଦ୍ୟାଳୟ ପଠାଇବା ନିମନ୍ତେ ରମାର ମା'କୁ ପ୍ରବର୍ତ୍ତାଇବା/ ବୁଝାଇବା ନିମନ୍ତେ ସେମାନଙ୍କର ସହାୟତା ଲୋଡ଼ିଲେ ।ସେମାନେ ରାଧାବାଇକୁ ସାକ୍ଷାତ କରି 'ରମା'କୁ ବିଦ୍ୟାଳୟକୁ ପଠାଇବା ନିମନ୍ତେ ବୁଝାଇବାକୁ ବହୁତ ଚେଷ୍ଟା କଲେ । ଦୀର୍ଘ ଏକ ଘଣ୍ଟାର ଆଲୋଚନା ଓ କଥାବାର୍ତ୍ତା ପରେ 'ରମା'ର ମା' ଶିକ୍ଷାର ଗୁରୁତ୍ୱକୁ ବୁଝିଲା ଓ ତା'ର ଝିଅକୁ ବିଦ୍ୟାଳୟକୁ ପଠାଇବା ନିମନ୍ତେ ରାଜି ହେଲା । ଏହାର ପ୍ରତିବଦଳରେ ମହିଳା ସଂଘର ସଦସ୍ୟମାନେ ତାକୁ ବିପଦଆପଦରେ ସହାୟତା କରିବା ଏବଂ ବିଧବା ଭତ୍ତା ଦେବା ନିମନ୍ତେ ପ୍ରତିଶ୍ରୁତି ଦେଲେ । ଏହାପରେ ପରିସ୍ଥିତି ବଦଳିଗଲା । 'ରମା'ଶିକ୍ଷକଙ୍କ ସହାୟତା ଓ ପରାମର୍ଶ କ୍ରମେ ପାଠପଢାରେ ଅଗ୍ରଗତି କଲା ।

ବାର ବର୍ଷର ଶିକ୍ଷା ସମାପ୍ତ ପରେ ସେ ଜଣେ ସ୍ୱୀକୃତିପ୍ରାପ୍ତ ଫାରାମାସିଷ୍ଟ(PHARMACIST)ଭାବେ ହୁଲିଆପୁର ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲା । ସେଦିନ ଗ୍ରାମର ଲୋକମାନଙ୍କର ସେବା କରିବା ନିମନ୍ତେ ନିଷ୍ପତ୍ତି ନେଇ ଗ୍ରାମ୍ୟ ବ୍ୟାଙ୍କର ଆର୍ଥିକ ସହାୟତାରେ ଗ୍ରାମରେ ଏକ ଔଷଧ ଦୋକାନ ଖୋଲିଲା । ଔଷଧ ଦୋକାନର ଉଦ୍‌ଘାଟନ ଉତ୍ସବରେ ଗାଁ ସରପଞ୍ଚ 'ରମା'କୁ ତା'ର ସଫଳତା ନିମନ୍ତେ ଅଭିନନ୍ଦନ ଜଣାଇଲେ ଓ ସଫଳ ନାରୀ ଭାବେ ପରିଚିତ କରାଇଲେ ଓ ଗାଁର ଝିଅମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କଲେ । ରାଧାବାଇ ଝିଅର ସଫଳତାରେ ଗର୍ବ ଅନୁଭବ କଲେ ।

ଗାଁର ସରପଞ୍ଚ 'ରମା'କୁ କାହିଁକି ଜଣେ ସଫଳ ନାରୀ / ସଶକ୍ତ ମହିଳା ଭାବେ ଅଭିହିତ କଲେ ? ଏହାର ଅର୍ଥ କ'ଣ ? ଆସ ଆମେ 'ସଶକ୍ତିକରଣ' ଶବ୍ଦର ଅର୍ଥ କ'ଣ ତାହା ବୁଝିବା ।

### ୧୨.୩.୧ 'ସଶକ୍ତିକରଣ'ର ଅର୍ଥ

ସଶକ୍ତିକରଣ 'EMPOWERMENT'ଶବ୍ଦରେ ଶକ୍ତି ବା POWER ଶବ୍ଦ ପୂର୍ବରୁ ପୂର୍ବ ପଦ em ର ଯୋଗ ହେବା ଦ୍ୱାରା ପ୍ରସ୍ତୁତ କରିବା ଅର୍ଥ ପ୍ରଦାନ କରେ ଏଣୁ 'ସଶକ୍ତିକରଣ'ଶବ୍ଦର ସଜ୍ଞା ହେଉଛି ଶକ୍ତିଶାଳୀ କରିବା । 'ସଶକ୍ତିକରଣ'ଶବ୍ଦର ମୂଳ ଧାରଣା ହେଉଛି 'କ୍ଷମତା ସଂପନ୍ନ/ ଦୃଢ ହେବା ' । କ୍ଷମତା ଚାରିଗୋଟି ବିଭିନ୍ନ ଉପାୟରେ କାର୍ଯ୍ୟ କରେ ଯଥା:

୧. କ୍ଷମତା ହସ୍ତାନ୍ତରୀକରଣ(Power Over): କ୍ଷମତା ହସ୍ତାନ୍ତରୀକରଣ କହିଲେ ବ୍ୟକ୍ତିଗତ କିମ୍ବା ଦଳଭିତ୍ତିକ ଭାବେ ପ୍ରଭାବ ବିସ୍ତାର କିମ୍ବା ଅଧୀନତା ସ୍ୱୀକାର ମଧ୍ୟରେ ସଂପର୍କ ସ୍ଥାପନକୁ ବୁଝାଏ ।

୨. କ୍ଷମତାର ଦିଗ(Power to): ସିଦ୍ଧାନ୍ତଗ୍ରହଣ କରିବାର କ୍ଷମତା, ସମସ୍ୟା ସମାଧାନ କରିବା କ୍ଷମତା ଏବଂ ସୃଜନଶୀଳ ଓ ସକ୍ଷମ ହେବାକୁ ବୁଝାଏ ।

୩. କ୍ଷମତାର ପରିସର(Power with in): ଏହା ଆତ୍ମବିଶ୍ୱାସ, ଆତ୍ମ ସଚେତନତା ଏବଂ ଦୃଢନିଶ୍ଚିତତା/ ସଂକଳ୍ପ ବଦ୍ଧ ହେବାକୁ ବୁଝାଏ ।

୪. କ୍ଷମତାର ଧାରଣ(Power with): ସମୂହ ସ୍ୱାର୍ଥ ବା ଲକ୍ଷ୍ୟ ସାଧନ ନିମନ୍ତେ ବ୍ୟକ୍ତି ସମୂହ ସଂପର୍କ ସ୍ଥାପନକୁ ବୁଝାଏ ।

ଉପରେ ବର୍ଣ୍ଣନା କରାଯାଇଥିବା କ୍ଷମତାଗୁଡିକ ଯଥା:(Power to , power with in & power with) କ୍ଷମତାର ଦିଗ, କ୍ଷମତାର ପରିସର ଏବଂ କ୍ଷମତାର ଧାରଣ ଇତ୍ୟାଦିକୁ କ୍ଷମତାର ହସ୍ତାନ୍ତରୀକରଣର ବିକଳ୍ପ ଭାବେ ବିକାଶ କରାଯାଇ ପାରିବ । ଅନ୍ୟ ଅର୍ଥରେ କହିବାକୁ ଗଲେ, ସଶକ୍ତିକରଣ ସମସ୍ତ ପ୍ରକାରର ଅତ୍ୟାଚାର ଆହ୍ୱାନକୁ ଅନ୍ତର୍ଭୁକ୍ତ କରିଥାଏ । 'ମହିଳା ସଶକ୍ତିକରଣ'ହେଉଛି ସାମାଜିକ କ୍ଷମତା ପୁନଃ ବିତରଣ ଏବଂ ମହିଳାମାନଙ୍କ ସପକ୍ଷରେ ସମସ୍ତ ପ୍ରକାରର ସମ୍ବଳର ସମ୍ପୂର୍ଣ୍ଣ ନିୟନ୍ତ୍ରଣ / ବିନିଯୋଗର ଏକ ପ୍ରକ୍ରିୟା ଭାବେ ବିବେଚନା କରାଯାଇପାରେ । ସମ୍ବଳ ଗୁଡ଼ିକ ହେଉଛି ଚାରି ପ୍ରକାରର । ଯଥା: ପ୍ରକୃତିକ ସମ୍ବଳ(Natural resoercs) ଉଦାହରଣ ସ୍ୱରୂପ - ଭୂମି, ଜଳ, ଜଙ୍ଗଲ, ବୌଦ୍ଧିକ ସମ୍ବଳ ହେଉଛି ସୂଚନା ଏବଂ ଜ୍ଞାନ ମାନବ ସମ୍ବଳ ହେଉଛି ଜନସମୁଦାୟ, ଶ୍ରମ ଏବଂ କୌଶଳ / ଦକ୍ଷତା; ଏବଂ ଆର୍ଥିକ ସମ୍ବଳ ଟଙ୍କା ଓ ଧନସମ୍ପତ୍ତି ଇତ୍ୟାଦି । ସଶକ୍ତିକରଣ ପ୍ରକ୍ରିୟାରେ ମହିଳାମାନେ ଏହି ସବୁ ସମ୍ବଳ ଉପରେ ନିଜର କର୍ତ୍ତୃତ୍ୱ / ଅଧିକାର ସାବ୍ୟସ୍ତ କରିବା ସହିତ ଏହିସବୁକୁ ବିନିଯୋଗ କରି ନିଜେ ପ୍ରତିଷ୍ଠିତ ହୋଇ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାହସର ସହିତ ସମ୍ମୁଖୀନ କରି ଲକ୍ଷ୍ୟ

ଟିପ୍ପଣୀ

ଟିପ୍ପଣୀ

ସ୍ଥଳରେ ପହଞ୍ଚିବ । ଏଣୁ ,ଏହା ମହିଳାମାନଙ୍କୁ ଜ୍ଞାନ ଆହରଣ ଏବଂ ବିତ୍ତୀୟ ସମ୍ବଳର ବିନିଯୋଗ, ବ୍ୟକ୍ତିଗତି ବ୍ୟାପାରରେ ସ୍ୱାୟତ୍ତତା, ପାରିବାରିକ ତଥା ରାଜନୈତିକ ଜୀବନରେ ନିଜର କ୍ଷମତାର ପ୍ରୟୋଗ ଇତ୍ୟାଦି କ୍ଷେତ୍ରରେ ସେମାନଙ୍କର ଅଂଶଗ୍ରହଣରେ ବୃହତ ଅଧିକାର ଆହରଣ ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । 'ସଶକ୍ତିକରଣ' ହେଉଛି ଏକ ଗତିଶୀଳ ପ୍ରକ୍ରିୟା ଯାହାର ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ସ୍ୱାତନ୍ତ୍ର୍ୟ କରବା, ଚୟନ ନିମନ୍ତେ ସ୍ୱାଧିନତା ଦେବା ଏବଂ ଜୀବନର ସମସ୍ତ କ୍ଷେତ୍ରରେ ସମାନତା ପ୍ରଦାନ କରିବା ।ସର୍ବଶେଷରେ, ଏହି ସବୁ ସହିତ, ମହିଳାମାନେ ନିଜ ଜୀବନରେ ବିରାଟ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବେ ।

ଏଣୁ, 'ସଶକ୍ତିକରଣର 'ଧାରଣା ବହୁଦିଗ ବିଶିଷ୍ଟ ଅଟେ । ଆମେ ସଶକ୍ତିକରଣକୁ ୨ଟି ସ୍ତରରେ ବିବେଚନା କରିପାରିବା - (୧) ବ୍ୟକ୍ତିଗତ ସଶକ୍ତିକରଣ (୨) ସମୂହିକ ସଶକ୍ତିକରଣ । 'ବ୍ୟକ୍ତିଗତ ସଶକ୍ତିକରଣ'ରେ ସାମାଜିକ - ଅର୍ଥନୈତିକ ଏବଂ ରାଜନୈତିକ ସଶକ୍ତିକରଣ ଅନ୍ତର୍ଭୁକ୍ତ । ସମୂହିକ ସଶକ୍ତିକରଣ କହିଲେ ସାମୁହିକ ମତୈକ୍ୟ ଏବଂ କାର୍ଯ୍ୟଧାରାରେ / ଧାରଣା ଏବଂ ଅନ୍ତର୍ଭୁକ୍ତ ହୋଇଥାଏ ।

ଉର୍ଦ୍ଧ୍ୱରୁ ନିମ୍ନମୁଖୀ କୌଶଳ ରୂପେ ବ୍ୟବସ୍ଥିତ ହେବା ପରିବର୍ତ୍ତେ ସଶକ୍ତିକରଣ ଏକ ନିମ୍ନରୁ ଉର୍ଦ୍ଧ୍ୱମୁଖୀ ପ୍ରକ୍ରିୟା ଅଟେ । ମହିଳାମାନେ ନିଜେ ସଶକ୍ତିକରଣ ହେବା ଆବଶ୍ୟକ । ସମସ୍ତ ବାହ୍ୟ କାରକ ଗୁଡ଼ିକ ଏହି ସଶକ୍ତିକରଣ ପ୍ରକ୍ରିୟାରେ ସହଯୋଗ କରିଥାନ୍ତି । ସଶକ୍ତିକରଣ କୌଣସି ଏକ ନିର୍ଦ୍ଦିଷ୍ଟ କ୍ରିୟାକଳାପକୁ ବୁଝାଏ ନାହିଁ କିମ୍ବା ଏହା ଏକ ଅନ୍ତିମ ଲକ୍ଷ୍ୟ ନୁହେଁ । ଏହା ଏପରି ଏକ ପ୍ରକ୍ରିୟା ଯଦ୍ୱାରା କି ମହିଳାମାନେ ଅନ୍ୟ କାହାଦ୍ୱାରା ପ୍ରଭାବିତ ନହୋଇ ନିଜେ ସ୍ୱାଧୀନ ଭାବେ ନିଜର ମତ ପରିପ୍ରକାଶ କରିବା, ନିଜର ପ୍ରଗତି ନିମନ୍ତେ ସମର୍ଥ ହେବା ଏବଂ ନିଜର ଆବଶ୍ୟକତା ଓ ସ୍ୱାର୍ଥ ସାଧନ ନିମନ୍ତେ ମତବ୍ୟକ୍ତ କରିବା ନିମନ୍ତେ ସମର୍ଥ ହେବାକୁ ବୁଝାଏ । ନିମ୍ନରୁ ଉର୍ଦ୍ଧ୍ୱଗତି ପ୍ରଣାଳୀ ମାଧ୍ୟମରେ ମହିଳାମାନେ ସେମାନଙ୍କର ଆବଶ୍ୟକତା ସମ୍ବନ୍ଧରେ ସଚେତନ ହୁଅନ୍ତି ଓ ତା'ର ପ୍ରାପ୍ତି ନିମନ୍ତେ ଚେଷ୍ଟିତ ହୁଅନ୍ତି । 'ରମା'ର ଘଟଣାରେ ଶିକ୍ଷା ତାକୁ ଉପଯୁକ୍ତ ନିଷ୍ପତ୍ତି ନେବାର ସାମର୍ଥ୍ୟ ବଢାଇଲା । ଜୀବନର ବାଟ ସ୍ଥିର କରିବା ପାଇଁ ମନୋନୟନ କରିବାରେ ତାର ସ୍ୱାଧିନତା ଥିଲା ।ଏହାହିଁ ପ୍ରକୃତ ଅର୍ଥରେ ସଶକ୍ତିକରଣ ।

## ୧୨.୩.୨ ମହିଳା ସଶକ୍ତିକରଣର ସୂଚକ

ଉପରୋକ୍ତ ଘଟଣା ଅଧ୍ୟୟନ ଗାଁ ସରପଞ୍ଚ ରମାକୁ ସଶକ୍ତ ମହିଳା ଭାବେ ଅଭିହିତ କଲେ । ତାକୁ ଏପରି କହିବାର କାରଣ କ'ଣ ହେଇପାରେ ? ଏହା ହୋଇପାରେକି ଗାଁର ଉନ୍ନତି ନିମନ୍ତେ ନିଜକୁ ଉତ୍ସର୍ଗ କରିବା କିମ୍ବା ସମ୍ବଳ ଗୁଡ଼ିକର ସଦୁପଯୋଗ ନିମନ୍ତେ ନିଜର ସାମର୍ଥ୍ୟ କିମ୍ବା ଏକ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ତାର ଆତ୍ମ ବିଶ୍ୱାସ ? ମହିଳା ସଶକ୍ତିକରଣ ନିମନ୍ତେ ଏଗୁଡ଼ିକ ହେଉଛି କେତେକ ସୂଚକ । ତଳେ ଦିଆଯାଇଥିବା ଚିତ୍ର ନଂ- ୧ କୁ ଦେଖ, ଯାହା ନିଜସ୍ୱ ବର୍ଣ୍ଣିତ । 'ସଶକ୍ତିକରଣ'ମହିଳାମାନଙ୍କ ଆତ୍ମସମ୍ମାନ ବୋଧ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ନିଜକୁ ଆର୍ଥିକ ସ୍ୱାବଲମ୍ବୀ ହେବାରେ ସହାୟକ ହୁଏ । ସଶକ୍ତିକରଣର ଅନ୍ୟ ସୂଚକ ଗୁଡ଼ିକ ହେଉଛି ବିକାଶଗତ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ, ପାରିବାରିକ ତଥା ରାଜନୈତିକ ପ୍ରକ୍ରିୟାରେ ନିଷ୍ପତ୍ତି ଗ୍ରହଣ କରିବା ସାମର୍ଥ୍ୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୃହତ୍ ଅଂଶୀଦାର ଏବଂ ନିଜର ଅଧିକାର ସମ୍ବନ୍ଧରେ ସଚେତନ ହେବା ଇତ୍ୟାଦି । 'ସଶକ୍ତିକରଣ' ପ୍ରକ୍ରିୟା ମହିଳାମାନଙ୍କୁ ସେମାନଙ୍କର ପ୍ରକୃତ ସ୍ଥିତି ନିର୍ଦ୍ଧାରଣ, କାରକ ଯିଏକି ବିଭିନ୍ନ ପରିସ୍ଥିତିକୁ ପ୍ରଭାବିତ କରେ, ବିଭିନ୍ନ ପରିସ୍ଥିତିକୁ ଉପଯୁକ୍ତ ଭାବେ ସମ୍ମୁଖୀନ ହେବା ପାଇଁ ଏହା ଜାଣିବାରେ ସମର୍ଥ

କରାଏ । ସେମାନଙ୍କର ସାମର୍ଥ୍ୟ ବଢାଏ । ଏହି ପ୍ରକ୍ରିୟାରେ ସେମାନେ ସେମାନଙ୍କର କାର୍ଯ୍ୟ ପାଇଁ ଉପଯୁକ୍ତ ସ୍ୱିକୃତି ପାଆନ୍ତି ଏବଂ ସେମାନଙ୍କର କାର୍ଯ୍ୟ ଉପଯୁକ୍ତ ମୂଲ୍ୟାଙ୍କନ ହୁଏ ।




ଚିତ୍ର ନଂ.୧ -ମହିଳା ସଶକ୍ତିକରଣର ସୂଚକ

### ୧୨.୩ .୩ : ବାଳିକା ସଶକ୍ତିକରଣର ଆବଶ୍ୟକତା

ଉପରୋକ୍ତ ଘଟଣାବଳୀ ଅଧ୍ୟୟନ (CASE STNDY) ରେ କିଏ ଅଧିକ ଦକ୍ଷ ଭାବରେ ଜୀବନରେ ଆସୁଥିବା ବିଭିନ୍ନ ଆହ୍ୱାନକୁ ସମ୍ମୁଖିନ ହୋଇଛି ? 'ରାଧାବାଇ'ର କିମ୍ବା 'ରମା' ? ତୁମର ଉତ୍ତର ହେବ.... ନିଃସନ୍ଦେହରେ, 'ରମା' । ସେ ହେଉଛି ଶିକ୍ଷିତ, ସଶକ୍ତ ଏବଂ ଜୀବନରେ ଆସୁଥିବା ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଅଧିକ ଦକ୍ଷ / ସକ୍ଷମ ।

ଜ୍ଞାନ ହିଁ ଶକ୍ତି । କିନ୍ତୁ ଆମର ଏ ପୁରୁଷ ପ୍ରଧାନ ସମାଜରେ ଅଧିକାଂଶ ମହିଳା ବିଭିନ୍ନ କାରଣରୁ ଯଥା - ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଇତ୍ୟାଦି କାରଣ ଯୋଗୁଁ ସେମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସେମାନେ କେବଳ ଧରାବନ୍ଧା ଭୂମିକା ଯଥା - ମା', ସ୍ତ୍ରୀ (ଗୃହିଣୀ) ଝିଅ ଇତ୍ୟାଦି ଭାବେ ନିଜର ଦାୟିତ୍ୱ ସଂପନ୍ନ କରୁଛନ୍ତି । ଏପରିକି କର୍ମଜୀବୀ ମହିଳାମାନେ କେବଳ ଶିକ୍ଷିକା, ନର୍ସ ଇତ୍ୟାଦି ବ୍ୟତୀତ ଅନ୍ୟକିଛି ଉଚ୍ଚ ସୋପାନରେ ଅବସ୍ଥାପିତ ହୋଇପାରୁ ନାହାଁନ୍ତି । ବିନା ପ୍ରଶ୍ନରେ ସମାଜର ନୀତି ଓ ନିୟମ ଗୁଡ଼ିକୁ ଅନୁସରଣ କରିବା ନିମିତ୍ତ ବାଳକ ବାଳିକାମାନେ ସାମାଜିକ ଧାରାରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ।

ଯଦି ଓ ଆମର ସମ୍ବିଧାନ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରେ, ତଥାପି ବାଳିକା ଓ ମହିଳାମାନଙ୍କର ଅବସ୍ଥା / ପଦ ମର୍ଯ୍ୟାଦା ନିମ୍ନଗାମୀ ହେବାରେ ଲାଗିଛି । ସଚେତନତା ଓ ଶିକ୍ଷାର ଅଭାବହିଁ ମୁଖ୍ୟ ପ୍ରତିବନ୍ଧକ ଅଟେ ।ପାରମ୍ପରିକ ପ୍ରଥାର ପ୍ରତିବନ୍ଧକ ଯାହା ଝିଅମାନଙ୍କୁ ସଶକ୍ତ କରିବା ବାଟରେ ଉପୁଜେ ତାହାକୁ ଦୂର କରିବା ଏବଂ ଶକ୍ତିର ଅସନ୍ତୁଳନତାକୁ ପ୍ରଶ୍ନ କରିବା ନିମିତ୍ତ ତାକୁ ସଶକ୍ତ ହେବାକୁ ପଡ଼ିବ । ବାଳିକା ଏବଂ ମହିଳା



ଟିପ୍ପଣୀ

ଟିପ୍ପଣୀ

ସଶକ୍ତିକରଣ ପଥରେ ପ୍ରତିବନ୍ଧକ ହେଉଥିବା ପାରମ୍ପରିକ ପ୍ରଥାକୁ ପ୍ରତିହତ କରି ସେମାନଙ୍କୁ ସଶକ୍ତିକରଣ କରିବା ହେଉଛି ଆଜିର ମୁଖ୍ୟ ଆହ୍ୱାନ ।ଶକ୍ତି ଏକ ପଣ୍ୟଦ୍ରବ୍ୟ ନୁହଁ ଯାହାକୁ କିଣା ବିକା / ବ୍ୟବସାୟ କରାଯିବ: ବରଂ ଏହାକୁ ଆହରଣ କରି ଏହାର ପ୍ରୟୋଗ କରାଯାଇ ପାରିବ । ସଶକ୍ତିକରଣ ଦ୍ୱାରା ମହିଳାଟିଏ ତାର ନିଜର ଜୀବନକୁ ଯେଉଁ ପରିସ୍ଥିତି ପ୍ରଭାବିତ କରେ ତାକୁ ଅଧିକତର ନିୟନ୍ତ୍ରଣରେ ରଖେ । ସେ ତାର ଜ୍ଞାନର ପରିସର ଓ ସମ୍ବଳ ଗୁଡ଼ିକ ବଢେ । ବ୍ୟକ୍ତିଗତ ଜୀବନରେ ସେ ଅଧିକ ସ୍ୱାଧୀନତା ପାଏ ଏବଂ ବିଭିନ୍ନ କୁପଥା ଓ ପରମ୍ପରା ଠାରୁ ନିଜକୁ ମୁକ୍ତ ରଖିବାରେ ସମର୍ଥ ହୁଏ । ଏହା ତାକୁ ନିଜର ପସନ୍ଦ ବାଛିବାରେ ସ୍ୱାଧୀନତା ପ୍ରଦାନ କରେ ।

ବିକାଶ ଗତ ଦୃଷ୍ଟିରୁ ଯଦି ଆମେ ଏହି ଅବହେଳିତ ଜନସଂଖ୍ୟାର ୫୦ ଶତକଡ଼ା ଲୋକଙ୍କୁ ଦୃଷ୍ଟି ଦିଆନଯାଏ, ତେବେ ଗୋଟିଏ ଜାତିର ସର୍ବାଙ୍ଗୀନ ବିକାଶ ଅସମ୍ଭବ ଅଟେ । ଏଣୁ ଲିଙ୍ଗଗତ ସମାନତା ସମାଜ ସୃଷ୍ଟି ନିମନ୍ତେ ବାଳିକା ସଶକ୍ତିକରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

### ୧୨.୩ .୪; ବାଳିକା ସଶକ୍ତିକରଣ ନିମନ୍ତେ ଶିକ୍ଷାର ଭୂମିକା

ଆମେ ଜାଣିଲୁ ଯେ ଶିକ୍ଷା କିପରି 'ରମା' କ୍ଷେତ୍ରରେ ତା'ର ଜୀବନରେ ବିରାଟ ପରିବର୍ତ୍ତନ ଆଣି ପାରିଲା । ସ୍ୱାମୀର ମୃତ୍ୟୁ ପରେ, ରାଧାବାଇକୁ ନିଜର ତିନି ଶିଶୁଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ କଠିନ ସଂଘର୍ଷ କରିବାକୁ ପଡୁଥିଲା, ତା' ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା । ଶିକ୍ଷାର ଅଭାବ ତା'ର ଜୀବନକୁ ପଥକୁ ଅତି ଦୁର୍ବିସହ କରି ଦେଇଥିଲା । କୌଣସି କାରଣ ନଖୋଜି ସେ ତା'ର ଝିଅର ବିଦ୍ୟାଳୟ ଯିବାକୁ ବନ୍ଦ କରି ଦେଲା । ଏଭଳି ଭାବେ ତୃଟିପୂର୍ଣ୍ଣ ଚକ୍ର ଚାଲୁଥାଏ ।

ଭାରତରେ ପୁଅମାନଙ୍କ ତୁଳନାରେ ଝିଅମାନଙ୍କର ସଂଖ୍ୟା କମିବା, ନିମ୍ନ ସାକ୍ଷରତାହାର, ନିମ୍ନ ଜୀବନ ପ୍ରତ୍ୟାଶା, ବେରୋଜଗାର, ଉଚ୍ଚ ମାତୃମୃତ୍ୟୁହାର, ନିମ୍ନ ଡାକ୍ତରୀ / ସ୍ୱାସ୍ଥ୍ୟଗତ ସୁବିଧା, ମହିଳାମାନଙ୍କ ପ୍ରତି ଅଧିକ ଅପରାଧ / ଅତ୍ୟାଚାର ଇତ୍ୟାଦି ହେଉଛି କେତେକ କାରକ ଯାହାକି ସମାଜରେ ମହିଳାମାନଙ୍କର ପଦମର୍ଯ୍ୟାଦା କୁ ନ୍ୟୁନ କରି ଦେଉଛି । ତା'ର ଏହି ନିମ୍ନ ପଦମର୍ଯ୍ୟାଦା ଲିଙ୍ଗଗତ ବୈଷମ୍ୟତା ର କାରଣରୁ ସୃଷ୍ଟି ହେଉଛି । ସ୍ୱାଧୀନତା ପରଠାରୁ ସରକାରଙ୍କର ବିଭିନ୍ନ ଯୋଜନା ଓ ପଦକ୍ଷେପ ସତ୍ତ୍ୱେ ଲିଙ୍ଗଗତ ଅସମାନତା ଆଜିବି ବହୁମାତ୍ରାରେ ରହିଛି । ଏହି ଲିଙ୍ଗଗତ ବୈଷମ୍ୟତା ଗ୍ରାମାଞ୍ଚଳ ଏବଂ ଅବହେଳିତ ବର୍ଗମାନଙ୍କର ଅଧିକ ମାତ୍ରାରେ ପରିଦୃଷ୍ଟ ହେଉଛି । ଏହା ଅନୁଭବ କରାଯାଇଛି ଯେ କେବଳ ଭିତ୍ତି ସଂଗଠନର ବ୍ୟବସ୍ଥା, ଜନମଙ୍ଗଳ ପରିକଳ୍ପନା ଏବଂ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କର ଜୀବନର ସ୍ଥିତିରେ ପରିବର୍ତ୍ତନ ଅଣାଯାଇପାରିବ ନାହିଁ । କେବଳ ଏହାର ବିକଳ୍ପ ହେଉଛି ମହିଳାମାନଙ୍କୁ ଠିକ୍ ପସନ୍ଦ କରିବାକୁ ସଶକ୍ତିକରଣ କରିବା ଏବଂ ସାମାଜିକ ତଥା ଅନ୍ୟାନ୍ୟ ବିକାଶଗତ ପ୍ରକ୍ରିୟାରେ ସକାରାତ୍ମକ ଭୂମିକା ନିର୍ବାହ କରିବା । ଏଭଳି ସଙ୍କଟମୟ ପରିସ୍ଥିତିରେ, ଦେଖାଯାଇଛି ଶିକ୍ଷା ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉତ୍ସ ଯାହାକି ସଚେତନଶୀଳତା ବୃଦ୍ଧି କରିବ ଏବଂ ସୂଚନା ଓ ଜ୍ଞାନ ମାଧ୍ୟମରେ ଅସମାନତା ଏବଂ ଅତ୍ୟାଚାର ର ଆହ୍ୱାନକୁ ସମ୍ମୁଖୀନ ହେବା ନିମନ୍ତେ କ୍ଷମତା ଦେବ ।

### ୧୨.୩.୫ ଔପଚାରିକ ଓ ଅଣ-ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ସଶକ୍ତିକରଣ ।

**ସଶକ୍ତିକରଣ:-**

ଆମେ ଜାଣିଛୁ ଯେ ଶିକ୍ଷା ହେଉଛି ଏପରି ଏକ ଉପକରଣ ଯାହାକି ମହିଳା ମାନଙ୍କର ମର୍ଯ୍ୟାଦା / ଅବସ୍ଥା ପରିବର୍ତ୍ତନରେ ସହାୟକ ହୁଏ ବର୍ତ୍ତମାନ ଆମେ ଆଲୋଚନା କରିବା ଯେ ଆନୁଷ୍ଠାନିକ ଏବଂ ଅଣ ଆନୁଷ୍ଠାନିକ ବ୍ୟବସ୍ଥାରେ ବାଳିକା ଶିକ୍ଷାର ସ୍ଥିତି କିପରି ଅଛି । ଆନୁଷ୍ଠାନିକ ଶିକ୍ଷା କହିଲେ ବିଦ୍ୟାଳୟ । ମହାବିଦ୍ୟାଳୟ ଏବଂ



ଟିପ୍ପଣୀ

ଶିକ୍ଷାଅନୁଷ୍ଠାନରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ବୁଝାଏ । ଛଅରୁ ଚଉଦ ବର୍ଷ ବୟସର ସମସ୍ତ ପିଲାଙ୍କୁ ଅବୈତନିକ ଓ ବାଧ୍ୟତାମୂଳକ ସାମ୍ବିଧାନିକ ଶିକ୍ଷା ବ୍ୟବସ୍ଥା ସତ୍ତ୍ୱେ ବାଳକ ମାନଙ୍କ ତୁଳନାରେ ବହୁ ସଂଖ୍ୟକ ବାଳିକାମାନେ ବିଦ୍ୟାଳୟ ବାହାରେ ଅଛନ୍ତି । ଏମାନଙ୍କୁ ୨ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା:ପ୍ରଥମ ପ୍ରକାର ଯେଉଁମାନେ ଆଦୌ ବିଦ୍ୟାଳୟ ମାଟି ମାଡ଼ି ନାହାଁନ୍ତି, ଏବଂ ଦ୍ୱିତୀୟ ପ୍ରକାର ହେଉଛନ୍ତି ବିଦ୍ୟାଳୟ ଶିକ୍ଷା ସମାପ୍ତ ପୂର୍ବରୁ ଅଧାରୁ ପାଠ ଛାଡ଼ି ଚାଲିଯାଇଛନ୍ତି । ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ସ୍ଥିରୀକୃତ ବ୍ୟବସ୍ଥିତ ପାଠ୍ୟକ୍ରମ, ବିଦ୍ୟାଳୟ ଢାଞ୍ଚା ଓ ପାଠ ପଢାଯାଉଥିବା ସମୟ ଇତ୍ୟାଦି ଗ୍ରାମାଞ୍ଚଳର ଗରିବ ତଥା ଅବହେଳିତ ବର୍ଗର ବାଳିକାମାନଙ୍କୁ ଏ ବ୍ୟବସ୍ଥା ବହୁମାତ୍ରାରେ ଅସୁବିଧା ସୃଷ୍ଟି କରିଥାଏ । ଏତଦ୍‌ବ୍ୟତୀତ, ଅନ୍ୟାନ୍ୟ କାରକ ଯଥା : ପରିବାରର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା, ପିତାମାତାଙ୍କର ଅନ୍ଧବିଶ୍ୱାସ ଓ କୁସଂସ୍କାର ଓ ବାଳିକାମାନଙ୍କ ପ୍ରତି ହୀନମନ୍ୟ ଭାବ ବାଳିକା ଶିକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ବିଶେଷତଃ, ଗ୍ରାମାଞ୍ଚଳର ଝିଅପିଲାଟିକୁ ତା'ର ପାରିବାରିକ କାର୍ଯ୍ୟ ତଥା ଅର୍ଥ ଉପାର୍ଜ୍ଜନ କ୍ଷେତ୍ରରେ ପରିବାରକୁ ସାହାଯ୍ୟ କରିବାକୁ ପଡ଼ିଥାଏ । ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ହେଉଛି ଯଥା: ପାନୀୟ ଜଳ ଓ ଜାଳେନୀ ସଂଗ୍ରହ, ତଥା ଗୃହପାଳିତ ପଶୁମାନଙ୍କର ଯତ୍ନ ତଥା ସେମାନଙ୍କ ନିମନ୍ତେ ଖାଦ୍ୟ ସଂଗ୍ରହ, ସାନଭାଇ ଭଉଣୀଙ୍କ ଯତ୍ନ ଇତ୍ୟାଦି କାର୍ଯ୍ୟରେ ପରିବାରକୁ ସହାୟତା ପ୍ରଦାନ କରନ୍ତି । ସଅଳ- ବିବାହ (Early marriage) ମଧ୍ୟ ଏକ ବଡ଼ ଅସୁବିଧା ଯାହା ଗ୍ରାମାଞ୍ଚଳ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଏଣୁ  ଅନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଝିଅମାନଙ୍କ ଶିକ୍ଷା କ୍ଷେତ୍ରରେ ପହଞ୍ଚି ପାରିନାହିଁ । ଅଣ-ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଷାଠିଏ ଦଶକରୁ ୭୦ ଦଶକ ମଧ୍ୟରେ ପ୍ରଚଳିତ ଥିଲା । ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ରାଜ୍ୟମାନଙ୍କର ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ଶିକ୍ଷା ନିମନ୍ତେ ଅଣ-ଅନୁଷ୍ଠାନିକ ଶିକ୍ଷା କେନ୍ଦ୍ର (ନନ୍ ଫରମାଲ୍ ଏଡୁକେସନ) କେନ୍ଦ୍ର ମାନ ଆରମ୍ଭ କରିଥିଲେ । ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ଲକ୍ଷ୍ୟ ପୂରଣ ନିମନ୍ତେ ଏହି କେନ୍ଦ୍ରଗୁଡିକ ଆନୁଷ୍ଠାନିକ ଶିକ୍ଷା ଶିକ୍ଷାଅନୁଷ୍ଠାନରେ ବିକଳ୍ପ ଭାବେ କାର୍ଯ୍ୟ କରୁଥିଲା । ଏହି ଅଣ-ଅନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଶିକ୍ଷାର୍ଥୀ-କୈନ୍ଦ୍ରିକ ନମନୀୟ ଏବଂ ସହଭାଗୀତା ନୀତି ଉପରେ ପର୍ଯ୍ୟବେସିତ ।  ଏହି ଶିକ୍ଷଣ-ପ୍ରକ୍ରିୟା ତାତ୍ତ୍ୱିକଠାରୁ ଅଧିକ ମାତ୍ରାରେ ବ୍ୟବହାରିକ/ ପ୍ରାୟୋଗିକ ଅଟେ । ଏହି ବବସ୍ଥା ଅଧିକ ମିତବ୍ୟୟୀ ଅଟେ କାରଣ ଏହା ମିଳୁଥିବା/ଉପଲବ୍ଧ ସୁବିଧା ସୁଯୋଗକୁ ବିନିଯୋଗ କରିଥାଏ । ଏହି ମିଳୁଥିବା/ଉପଲବ୍ଧ ସୁବିଧା ସୁଯୋଗକୁ ବିନିଯୋଗ କରିଥାଏ । ଏହି ଶିକ୍ଷାବ୍ୟବସ୍ଥାରେ ନାମ ଲେଖାଇବା ପାଇଁ କିମ୍ବା ପ୍ରବେଶ ନିମନ୍ତେ କୌଣସି ବୟସ ସୀମା ନଥାଏ କି କୌଣସି ସ୍ଥିର/ନିର୍ଦ୍ଦିଷ୍ଟ ସମୟ ସୀମା ନଥିବାରୁ ଅଧାରୁ ପାଠତ୍ୟାଗୀ ବାଳିକାମାନଙ୍କ ନିମନ୍ତେ ଅଧିକ ଉପଯୁକ୍ତ ଅଟେ । ପିଲାମାନଙ୍କ ସୁବିଧା ଦୃଷ୍ଟିରୁ ପାଠପଢା ସକାଳୁଆ କିମ୍ବା ଅପରାହ୍ଣ କିମ୍ବା ସଂଧ୍ୟା ସମୟରେ ସ୍ଥିର ହୁଏ । ପାଠ୍ୟକ୍ରମ ଆବଶ୍ୟକତା ଭିତ୍ତିକ ଏବଂ ଜୀବନ କୌଶଳ ଶିକ୍ଷା ପ୍ରଦାନ କରାଯାଏ । ବୃତ୍ତିଗତ ତାଲିମ ପ୍ରାପ୍ତି ଶିକ୍ଷକଙ୍କର ଆବଶ୍ୟକତା ନଥିବାରୁ ଅବନୈତିକ ଭାବରେ ଆଞ୍ଚଳିକ ଉପଦେଷ୍ଟା କାର୍ଯ୍ୟ କରନ୍ତି ।

ଅଣ-ଅନିଷ୍ଠାନିକ ଶିକ୍ଷାକାର୍ଯ୍ୟକ୍ରମ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟ କରିଆସୁଛି  । ଉଭୟ ଆନୁଷ୍ଠାନିକ ଏବଂ ଅଣ-ଅନୁଷ୍ଠାନିକ ଶିକ୍ଷାର ଉଦ୍ଦେଶ୍ୟ ପରସ୍ପର ପରିପୂରକ ଅଟେ । ଉଭୟ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ଗୁଣାତ୍ମକ ଅଭିବୃଦ୍ଧି ତଥା ଉନ୍ନତମାନର ଜୀବନଧାରଣ କରିବା  । ଉଭୟ ଶିକ୍ଷା ବ୍ୟବସ୍ଥା ବାଳିକାମାନଙ୍କର ସାମାଜିକ ମୂଲ୍ୟବୋଧ, ମନୋଭାବ ଏବଂ ଅନ୍ୟାନ୍ୟ ଜୀବନ ଧାରଣ କୌଶଳର ଅଭିବୃଦ୍ଧି କରାଇ ସେମାନଙ୍କୁ ସଶକ୍ତିକରଣ କରବା ନିମନ୍ତେ ପ୍ରୋତ୍ସାହିତ କରେ ।

ଟିପ୍ପଣୀ

**ନିଜର ପ୍ରଗତି ପରଖିବା-୧**

୧. ନିମ୍ନ ସ୍ତମ୍ଭ ମିଳନ କର

| | |
|---|---|
| ୧.କ୍ଷମତା ହସ୍ତାନ୍ତରୀକରଣ | କ. ମହିଳା ମଣ୍ଡଳ |
| ୨.କ୍ଷମତାର ଦିଗ | ଖ. ଆତ୍ମବିଶ୍ୱାସ |
| ୩.କ୍ଷମତାର ପରିସର | ଗ.ଚୟନାତ୍ମକ ନିମନ୍ତେ ସ୍ୱାଧିନତା |
| ୪.କ୍ଷମତାର ଧାରଣ | ଘ.ଦୁର୍ବଳ ଉପରେ ପ୍ରଭୁତ୍ୱ/ ଆଧିପତ୍ୟ ବିସ୍ତାର |
| ୫. ସଶକ୍ତି କରଣ | ଙ. ଆର୍ଥିକ ସମ୍ବଳ ଉପରେ ଅଧିକାର/ନିୟନ୍ତ୍ରଣ |
| ୬.କ୍ଷମତାର ପୁନଃବିତରଣ୍ | ଚ. ମହିଳା ମାନଙ୍କର ନିମ୍ନସ୍ଥିତି |
| ୭.କ୍ଷମତାର ଅସନ୍ତୁଳନ୍ | ଛ.ସମାନତାକୁ ବଜାୟ ରଖିବା |

(୨) ରମା ଓ ରାଧାବାଇଙ୍କ ଦକ୍ଷତା / ସାମର୍ଥ୍ୟ ଗୁଡ଼ିକ ତାଲିକା କର । କିଏ ଅଧିକ ସଶକ୍ତ ମହିଳା ବିଶ୍ଳେଷଣ କର ?

(୩) ନିମ୍ନଲିଖିତ ଉକ୍ତି ନିମନ୍ତେ କାରଣ ଦର୍ଶାଅ:

ବାଳିକାମାନେ ସଶକ୍ତ ହେବା ଆବଶ୍ୟକ, କାରଣ-

କ. ଏହା ସେମାନଙ୍କର ସାମାର୍ଥ ଅଭିବୃଦ୍ଧି କରେ ।

ଖ. ଉନ୍ନତ ରୋଜଗାର ନିମନ୍ତେ ସୁଯୋଗ ସୃଷ୍ଟି କରେ ।

ଗ.

ଘ.

ଙ.

ଚ.

ଛ.

୪. ନିଜ ଅଞ୍ଚଳରେ ତୁମେ ଦେଖିଥିବା ବାଳିକା ଶିକ୍ଷାର ବିଭିନ୍ନ ଅସୁବିଧା ଗୁଡ଼ିକୁ ତାଲିକା କର ।

## ୧୨.୪: ଜୀବନ କୌଶଳ ଶିକ୍ଷାର ଉନ୍ନତି

ବାଳିକାମାନେ ସଶକ୍ତିକରଣ ହେବା ନିମନ୍ତେ ଆନୁଷ୍ଠାନିକ ଶିକ୍ଷା ସହିତ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା କରିବା ଆବଶ୍ୟକ । ଶିକ୍ଷକମାନେ ଏ ବିଷୟରେ ଅବଗତ ହେବା ଆବଶ୍ୟକ କାରଣ ପିଲାମାନଙ୍କର ବିଶେଷକରି ଝିଅପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ତାଙ୍କର ଭୂମିକା ଅଛି । ଜୀବନ କୌଶଳ ଶିକ୍ଷା ବାଳିକାମାନଙ୍କୁ ବିଭିନ୍ନ



ଟିପ୍ପଣୀ

କୌଶଳ ଗତ ଶିକ୍ଷା ପ୍ରଦାନ କରିଥାଏ । ଯାହାକି ସେମାନଙ୍କୁ ସଚେତନ କରାଇବା, ସୁଦୃଢ଼ କରାଇବା, ସେମାନଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଅଭ୍ୟୁଦୟ କରାଇବା ଏବଂ ନିଜର ମତ ପ୍ରକାଶ କରିବା ନିମନ୍ତେ ସକ୍ଷମ କରାଇବା । ସେମାନଙ୍କର ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ ନିଷ୍ପତ୍ତିରେ ଏହା ସେମାନଙ୍କର ଅଂଶଗ୍ରହଣକୁ ବଢାଇବ । କାର୍ଯ୍ୟାକଳାପରେ ସେମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା । ଏହା ବିଭିନ୍ନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କର ଦକ୍ଷତାକୁ ଅଭିବୃଦ୍ଧି କରେ । ଜୀବନ କୌଶଳ ଶିକ୍ଷା ମଧ୍ୟ ବୃତ୍ତିଗତ ପ୍ରଶିକ୍ଷଣକୁ ଅନ୍ତର୍ଭୁକ୍ତ କରିଥାଏ । ବହୁତ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନ ଗୁଡ଼ିକ ବାଳିକାମାନଙ୍କର ଜୀବନ କୌଶଳ ଶିକ୍ଷାନିମନ୍ତେ ଦୃଷ୍ଟିପାତ କରୁଛନ୍ତି । ଏହି ଶିକ୍ଷାର ଉଦ୍ଦେଶ୍ୟ ହେଉଛି, ବାଳିକାମାନଙ୍କୁ ନିଜ ଜୀବନରେ ଆସୁଥିବା ପରିସ୍ଥିତିକୁ ସାହସର ସହିତ ସାମନା କରିବା ଓ ନିଜକୁ ଖାପଖୁଆଇ ଚଳିବା ନିମନ୍ତେ ସକ୍ଷମ କରାଇବା । ଜୀବନ କୌଶଳ ବିକାଶ ନିମନ୍ତେ ୧୦ଟି ମୁଖ୍ୟ କ୍ଷେତ୍ର ଚିହ୍ନଟ କରାଯାଇଛି । ସେଗୁଡ଼ିକ ନିମ୍ନରେ ଦିଆଯାଇଛି ।

- ସମସ୍ୟାର ସମାଧାନ(Problem solving)
- ଜଟିଳ ଚିନ୍ତନ(Critical Thinking)
- ସଫଳ ଭାବବିନିମୟ କୌଶଳ(Effective Communication Skills)
- ନିଷ୍ପତ୍ତି ଗ୍ରହଣ(Decision Making)
- ସୃଜନଶକ୍ତି / ସୃଜନାତ୍ମକ ଚିନ୍ତନ(CreativeThinkings)
- ବ୍ୟକ୍ତିଗତ ବନ୍ଧୁତ୍ୱ କୌଶଳ (Interpersonal relationship skills)
- ଆତ୍ମ ସଚେତନ ବୃଦ୍ଧି କୌଶଳ (Self-Awarnessa skills)
- ସହାନୁଭୂତି(Empathy)ଏବଂ
- ଆବେଗ ଓ ହତାଶ ମନୋଭାବକୁ ନିୟନ୍ତ୍ରଣ (Coping with stress & emotions )

ଉପରୋକ୍ତ କ୍ଷେତ୍ରରେ ଶିକ୍ଷା ପ୍ରଦାନ ମାଧ୍ୟମରେ ବାଳିକାମାନଙ୍କର ଏହି କୌଶଳଗୁଡ଼ିକର ଅଭିବୃଦ୍ଧି ହେବାଦ୍ୱାରା, ବାଳିକାମାନେ ବିଭିନ୍ନ ସୁଯୋଗ ଗୁଡ଼ିକର ସର୍ବୋତ୍ତମ ଉପଯୋଗ କରିପାରିବେ, ବିକଳ୍ପ ଉପାୟ ନିର୍ଦ୍ଧାରଣ କରି ଏବଂ ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ସଫଳତାର ସହ ସମାଧାନ କରିପାରିବେ ।

**ନିଜର ପ୍ରଗତି ପରଖିବା-୩**

୧. ଠିକ୍ ବା ଭୁଲ୍ କୁହ

ବାଳିକାମାନଙ୍କ ନିମନ୍ତେ ଜୀବନ କୌଶଳ ଶିକ୍ଷା ଆବଶ୍ୟକ କାରଣ-

କ. ଏହା ସେମାନଙ୍କର (ଚିନ୍ତନ ଓ କାର୍ଯ୍ୟରେ) ଗତିଶୀଳତାର ଅଭିବୃଦ୍ଧି କରାଏ ।

ଖ. ଏହା ସମ୍ମାନ ଓ ଟଙ୍କା ପଇସା ପ୍ରଦାନ କରେ

ଟିପ୍ପଣୀ

ଗ.    ଏହା ସେମାନଙ୍କର ଭାବବିନିମୟ କୌଶଳରେ ଅଭିବୃଦ୍ଧି କରାଏ

ଘ.    ଆତ୍ମ ବିଶ୍ୱାସ ଅଭିବୃଦ୍ଧି କରେ

ଙ.    ଶିକ୍ଷିତ ସ୍ୱାମୀ ପାଇବାରେ ସହଜ ହୁଏ

ଚ.    ସଶକ୍ତିକରଣ କରାଏ

ଛ.    ସେମାନଙ୍କର ବ୍ୟାଖ୍ୟା / ବିଶ୍ଳେଷଣ କରିବା କ୍ଷମତାର ବିକାଶ କରେ

ଜ.    ନିଷ୍ପତ୍ତି ଗ୍ରହଣ କରିବା ଦକ୍ଷତା ଅଭିବୃଦ୍ଧି କରେ

**୧୨.୪.୧:    ସମ୍ବିଧାନର ଆଇନଗତ ନୀତି ସମୂହ:**

ଭାରତୀୟ ସମ୍ବିଧାନ କେତେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାମାନ ଅବତାରଣା କରିଛନ୍ତି ଯିଏକି ଶିକ୍ଷାର ପ୍ରତ୍ୟକ୍ଷ ଗୁରୁତ୍ୱ ବହନ କରେ ।

ଧାରା ୪୫ ରେ ରାଜ୍ୟମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବରେ ଶିକ୍ଷାର ଦାୟିତ୍ୱକୁ ନ୍ୟସ୍ତ କରିଥିଲେ । ଦଶବର୍ଷ ମଧ୍ୟରେ ଛଅରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ବାଧ୍ୟତାମୂଳକ ଏବଂ ଅବୈତନିକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ଦାୟିତ୍ୱବାନ ହେବାର ବ୍ୟବସ୍ଥା କରାଯାଇଥିଲା ।

ଧାରା ୧୫, ଜନସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଆଶ୍ରୟ ସ୍ଥଳକୁ ଉପଭୋଗ କରିବା ନିମନ୍ତେ ଲିଙ୍ଗଗତ ଦୃଷ୍ଟିକୋଣରୁ ଭେଦଭାବ ପ୍ରଦର୍ଶନ କରାଯାଇପାରିବ ନାହିଁ ।

ଧାରା ୧୫(୩), ମହିଳା ଓ ଶିଶୁମାନଙ୍କ ମଙ୍ଗଳ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ରାଜ୍ୟ ମାନଙ୍କୁ କ୍ଷମତା ପ୍ରଦାନ କରିଥିଲା । ରାଜ୍ୟ ସ୍ୱତନ୍ତ୍ର ଅର୍ଥ ଆବଣ୍ଟନ, ପ୍ରକ୍ରିୟାଗତ ଓ ଅବସ୍ଥାଗତ ନିୟମରେ କୋହଳ କରି ବାଳିକା ମାନଙ୍କ ଶିକ୍ଷାର ପ୍ରବେଶ ନିମନ୍ତେ ଫଳାଫଳ ମିଳିଥିଲା ।

ଭାରତ ୧୯୮୦ ମସିହାରେ "ସିଡ଼" CEDAW(committee on Elimination of all kinds of Discrimination against women) ନାମକ ଅନ୍ତର୍ଜାତିକ ଚୁକ୍ତି ସ୍ୱାକ୍ଷର କରିଥିଲା ଏବଂ ଏହାକୁ ପୟୋଗ କରିବା ନିମନ୍ତେ ସଂକଳ୍ପବଦ୍ଧ ହେଲା । ଲିଙ୍ଗଗତ ବୈଷମ୍ୟକୁ ଦୂରୀକରଣ ନିମନ୍ତେ ରାଜ୍ୟକୁ ଏହି ଚୁକ୍ତି ଉପଯୁକ୍ତ ନିୟମ ପ୍ରଣୟନ ଏବଂ ପଦକ୍ଷେପ ଗ୍ରହଣ ନିମନ୍ତେ ଆଇନ୍‌ଗତ ବାଧ୍ୟତା ପ୍ରଦାନ କରିଛି । ଶିକ୍ଷା ସମ୍ପର୍କରେ ଏହା ଝିଅପିଲାଙ୍କ ପ୍ରବେଶ ଏବଂ ସମାନ ସୁବିଧା ସୁଯୋଗକୁ ସୁନିଶ୍ଚିତ କରେ ।

୬-୧୪ ବର୍ଷ ବୟସର ସମସ୍ତ ପିଲାମାନଙ୍କୁ ଅବୈତନିକ ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ଭାରତୀୟ ସଂସଦ ଶିକ୍ଷା ଅଧିକାର ଅଧିନିୟମ (RTE. 2009) ପ୍ରଣୟନ କରିଛି । ଏହି ଅଧିନିୟମରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାନୁଷ୍ଠାନ ମୌଳିକ ଅଧିକାର ଭାବେ ସ୍ୱୀକୃତି ପ୍ରଦାନ କରିଛି ଏବଂ ପିଲାମାନଙ୍କୁ ଉକ୍ତ ଶିକ୍ଷା ପ୍ରଦାନ ନିମନ୍ତେ ପିତାମାତା/ ଅଭିଭାବକ ଏବଂ ରାଜ୍ୟକୁ ଏହାର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନ୍ୟସ୍ତ କରିଛି ।

**୧୨.୪.୨: ସରକାରଙ୍କ ପଦକ୍ଷେପ ଏବଂ ନୀତି ସମୂହ :**

ସ୍ୱାଧିନତା ପ୍ରାପ୍ତି ପରେ ଭାରତ ସରକାର ଶିକ୍ଷାବ୍ୟବସ୍ଥାକୁ ସମୀକ୍ଷା କରି ବିଭିନ୍ନ ପ୍ରକାର ପରାମର୍ଶ/ପ୍ରସ୍ତାବ ସୁପାରିଶ

କରିବା ନିମନ୍ତେ ଅନେକ କମିଟି ଓ କମିଶନ୍ ନିଯୁକ୍ତ କରିଥିଲେ । ସେମାନଙ୍କର ପ୍ରସ୍ତାବ/ପରାମର୍ଶ ଦେବା ନିଯୁକ୍ତି ଦେବା ନିମନ୍ତେ ସୁପାରିଶ କରଥିଲେ । ସେମାନଙ୍କର ପ୍ରସ୍ତାବ / ପରାମର୍ଶ ଅନୁଯାୟୀ ଏହା ବାଳିକାମାନଙ୍କ ଶିକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଯଥା: ମୁକ୍ତ ଶିକ୍ଷା, ମୁକ୍ତ ଶିକ୍ଷଣ ସାମଗ୍ରୀ ପ୍ରଦାନ, ଛାତ୍ରବୃତ୍ତି ପ୍ରଦାନ, ହଷ୍ଟେଲ ସୁବିଧା, ଗମନାଗମନ ସୁବିଧା, ମହିଳା ଶିକ୍ଷକ ନିଯୁକ୍ତି ଏବଂ ଲିଙ୍ଗଗତ ସମ୍ବେଦନଶୀଳ ପାଠ୍ୟକ୍ରମ ଅହୁରି ଅନେକ (gender sensitive curriculum) ଇତ୍ୟାଦି ଗ୍ରହଣ କରିଥିଲେ ।

ସରକାର ଦୁଇଟି ମୁଖ୍ୟନୀତି ପ୍ରଣୟନ କରିଥିଲେ । ଯାହା ପ୍ରତ୍ୟେକ୍ଷ ଭାବରେ ବାଳିକାମାନଙ୍କ ଶିକ୍ଷା ଉପରେ ପ୍ରଭାବ ପକାଇଥିଲା । ସେଗୁଡିକ ହେଲା ଜାତୀୟ ଶିକ୍ଷାନୀତି ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଜାତୀୟ ଶିକ୍ଷାନୀତି ।

ଜାତୀୟ ଶିକ୍ଷାନୀତି (NPE) ୧୯୮୬ ମସିହାରେ ପ୍ରଣୟନ ହୋଇଥିଲା ଏବଂ ଏହାର ପୁନଃ ସମୀକ୍ଷା ୧୯୯୨ରେ କରାଯାଇ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟ, ପ୍ରୋଗ୍ରାମ ଅଫ୍ ଆକସନ(POA)ନାମରେ ନାମିତ କରାଗଲା । ଶିକ୍ଷା କ୍ଷେତ୍ରରେ ପ୍ରବେଶ ଓ ସଫଳତାରେ ଥିବା ପାରମ୍ପରିକ ଲିଙ୍ଗଗତ ବୈଶମ୍ୟର ପ୍ରତି ବିଧାନର ଅବଶ୍ୟକତାକୁ ସ୍ୱିକୃତି ଦେଇଥିଲା । ମହିଳା ମାନଙ୍କର ସ୍ଥିତି/ସାମାଜିକ ମର୍ଯ୍ୟାଦାରେ ଉନ୍ନତି ଆଣିବା ନିମନ୍ତେ ଶିକ୍ଷା ପରିବର୍ତ୍ତନର ବାହକ ରୂପେ କାର୍ଯ୍ୟ କରେ ବୋଲି ଏହା ସୁପାରିଶ କରିଥିଲା. । ଶିକ୍ଷା ବ୍ୟକ୍ତିର ଆତ୍ମସମ୍ମାନ ବୋଧ ଏବଂ ଗଭୀର ଚିନ୍ତନ କୌଶଳକୁ ଅଭିବୃଦ୍ଧି କରିବାରେ ସାହାଯ୍ୟ କରେ । ଯାହାଫଳରେ ଏହା ବ୍ୟକ୍ତିକୁ ନିଜଜୀବନରେ ଗତିପଥକୁ ପରିବର୍ତ୍ତନକରି ସାମାଜ ଓ ଜାତିର ସର୍ବାଙ୍ଗୀନ ବିକାଶ ନିମନ୍ତେ ସାହାଯ୍ୟ କରିବାକୁ ସମର୍ଥ କରାଏ । ଏଣୁ ସ୍ୱତନ୍ତ୍ର ସହାୟତା ପ୍ରଦାନ ଓ ଫଳପ୍ରଦ ତଦାରଖ ବ୍ୟବସ୍ଥା ମାଧ୍ୟମରେ ନାରୀ ନିରକ୍ଷରତା ଦୂରୀକରଣ, ଶିକ୍ଷା ଗ୍ରହଣ କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ପ୍ରତିହତ କରିବା ଏବଂ ପ୍ରାରମ୍ଭିକ ଶିକ୍ଷାରେ ବାଳିକାମାନଙ୍କର ଅବଧାରଣାକୁ ସୁନିଶ୍ଚିତ କରିବା ନିମନ୍ତେ ଏହି ଜାତୀୟ ଶିକ୍ଷାନୀତି ଗୁରୁତ୍ୱ ଆରୋପ କରିଛି ।

ନାରୀ ସଶକ୍ତି-କରଣ ନିମନ୍ତେ ଜାତୀୟ ଶିକ୍ଷାନୀତି (National Policy for Empowerment of women) ୨୦୦୧ କେତେକ ମୁଖ୍ୟ କ୍ଷେତ୍ର ପଦକ୍ଷେପ ପାଇଁ ସୂଚାଇଛନ୍ତି ଯେପରି ଶିକ୍ଷା ପ୍ରବେଶ କ୍ଷେତ୍ରରେ ସମାନତା, ଲିଙ୍ଗଗତ ବୈଷମ୍ୟ ଦୁରୀକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ସାର୍ବଜନୀନ ଶିକ୍ଷା, ଲିଙ୍ଗଗତ ସମ୍ବେଦନଶୀଳ ପାଠ୍ୟକ୍ରମ ଏବଂ ଶିକ୍ଷାରେ ଲିଂଗଗତ ଅସମାନତା ଦୂରୀକରଣ ଇତ୍ୟାଦି ।

ନୀତି ପ୍ରଣୟନ କ୍ଷେତ୍ରରେ ବିଭାଗ ବିଭିନ୍ନ ପ୍ରକାରର ପଦକ୍ଷେପ ମୂଳକ କାର୍ଯ୍ୟକ୍ରମମାନ ଆରମ୍ଭ କରିଥିଲା ଯଥା: ଜାତୀୟ ସାକ୍ଷର ମିଶନ, ଶ୍ରମିକ ବିଦ୍ୟାପୀଠ, ବିଶ୍ୱବିଦ୍ୟାଳୟ ସ୍ତରରେ ମହିଳା ଶିକ୍ଷାର ପ୍ରସାର, ମହିଳା ସମୀକ୍ଷା କାର୍ଯ୍ୟକ୍ରମ, ନିରନ୍ତର ଶିକ୍ଷା ଏବଂ ଗଣମାଧ୍ୟମରେ ଶିକ୍ଷଣ ଇତ୍ୟାଦି ।

### ୧୨.୪.୩: ଗ୍ରାମାଞ୍ଚଳ ବାଳିକାମାନଙ୍କ ନିମନ୍ତେ ଯୋଜନା କାର୍ଯ୍ୟକ୍ରମ

ଆମେ ଜାଣିଛୁ ଯେ ଶିକ୍ଷାରେ ଲିଙ୍ଗଗତ ପାର୍ଥକ୍ୟ ପରିଦୃଷ୍ଟ ହୁଏ । କିନ୍ତୁ ଏହି ଲିଙ୍ଗଗତ ଅସମାନତା ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ଦେଖିବାକୁ ମିଳେ । ଗ୍ରାମାଞ୍ଚଳରେ ବାଳିକାମାନଙ୍କର ବିଦ୍ୟାଳୟରେ ଉପସ୍ଥାନ ଓ ଅବଧାରଣ ବଢାଇବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ପଦକ୍ଷେପ ମାନ ଗ୍ରହଣ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ଆମେ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିବା.

ପ୍ରାରମ୍ଭିକ ସ୍ତରରେ ବାଳିକା ଶିକ୍ଷାନିମନ୍ତେ ଜାତୀୟ କାର୍ଯ୍ୟକ୍ରମ National Programme for Edn of girls at Elemantary level. (NPEGGL):

'ଅପହଞ୍ଚ ଇଲାକାରେ ' ତଥା ବିଶେଷତଃ ବିଦ୍ୟାଳୟ ବାହାରେ ଥିବା ବାଳିକାମାନଙ୍କୁ ବିଦ୍ୟାଳୟକୁ ଆଣିବା ନିମନ୍ତେ ଏହା ହେଉଛି ଭାରତ ସରକାରଙ୍କ ଏକ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ୨୦୦୩ ମସିହାରେ ସର୍ବଶିକ୍ଷା ଅଭିଯାନର ଏକ ଅଙ୍ଗରୂପେ ଶିକ୍ଷା କ୍ଷେତ୍ରରେ ମୁଖ୍ୟତଃ ପଛୁଆ ଥିବା ବ୍ଲକ , ଯେଉଁଠାରେ ଜାତୀୟ ସାକ୍ଷରତା ହାରଠାରୁ ଗ୍ରାମାଞ୍ଚଳରେ ମହିଳା ସାକ୍ଷରତା ହାର କମ୍ ଏବଂ ଲିଙ୍ଗଗତ ବ୍ୟବଧାନ ଜାତୀୟ ହାରଠାରୁ ଅଧିକ, ସେହି ପଞ୍ଚାୟତ ମାନଙ୍କରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମ ୨୪ଟି ରାଜ୍ୟର ୩୨୭୨ଟି ବ୍ଲକ ମାନଙ୍କରେ ଚାଲୁଅଛି । ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ହେଉଛି, ବିଦ୍ୟାଳୟମାନଙ୍କରେ ବାଳିକା ମାନଙ୍କର ଅବଧାରଣ ଗୁଣାତ୍ମକ ଶିକ୍ଷାର ଉନ୍ନତି । ଏହା ବାଳିକାମାନଙ୍କ ଶିକ୍ଷାରେ ଗୁଣାତ୍ମକ ଅଭିବୃଦ୍ଧି ନିମନ୍ତେ ଅତିରିକ୍ତ ସହାୟତା ପ୍ରଦାନ କରେ

ପ୍ରତି କ୍ଲଷ୍ଟରରେ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ିତୋଳିବା ନିମନ୍ତେ ନିମ୍ନଲିଖିତ ଏହି କାର୍ଯ୍ୟକ୍ରମ ପଦକ୍ଷେପ ମାନ ଗ୍ରହଣ କରିଛି । ଯଥା:

- ବାଳିକାମାନଙ୍କର ନାମ ଲେଖାର କଡ଼ାକଡ଼ି ପରିଦର୍ଶନ
- ଗୋଷ୍ଠୀ ସଞ୍ଚାଳନ
- ଶିକ୍ଷକମାନଙ୍କୁ ଲିଙ୍ଗଗତ ସଂବେଦନଶୀଳ କରାଇବା ।
- ଲିଙ୍ଗଗତ ସମ୍ବେଦନଶୀଳ ଶିକ୍ଷଣ ସାମଗ୍ରୀ ଗୁଡ଼ିକର ବିକାଶ ।
- ଆବଶ୍ୟକତା ଭିତ୍ତିକ ସାମଗ୍ରୀ ଯଥା: ସୁରକ୍ଷା ପ୍ରଦାନ, ମନୋହରୀ ଜିନିଷପତ୍ର ଓ ଆହୁରି କିଛି ।
- ଅତିରିକ୍ତ ଶ୍ରେଣୀଗୃହର ବ୍ୟବସ୍ଥା
- ମନ୍ଥରଗାମୀ ଶିକ୍ଷାର୍ଥୀଙ୍କ ନିମନ୍ତେ ପ୍ରତିକାରାତ୍ମକ ଶିକ୍ଷାଦାନ
- ଝିଅମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣର ବ୍ୟବସ୍ଥା
- ସହାୟକ ଢାଞ୍ଚା ରୂପରେ ଇ:ସି:ସି:ଇ:(ପିଲାଙ୍କ ଯତ୍ନ ନେଉଥିବା କେନ୍ଦ୍ର)
- ଗ୍ରାମ୍ୟ ସ୍ତରରେ ବିଦ୍ୟାଳୟ ବିକାଶ ଏବଂ କାର୍ଯ୍ୟକାରୀ ସମିତି School Development Monitoring Committee (SDMC)ମାଧ୍ୟମରେ ମାସିକ ସମନ୍ୱୟ ବୈଠକ ଆୟୋଜନ କରି ମହିଳାମାନଙ୍କ ଶିକ୍ଷା ନିମନ୍ତେ ଗୋଷ୍ଠୀର ସହାୟତା ଓ ସହଯୋଗ ବୃଦ୍ଧି କରିବା, ଅଭିଭାବକ - ଶିକ୍ଷକ ସଂଘ ଏବଂ ମାତୃ - ଶିକ୍ଷକ ସଂଘ ବୈଠକ ଆୟୋଜନ ଇତ୍ୟାଦି ।

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(KGBV):**

ପ୍ରାଥମିକ ଶିକ୍ଷାରେ ଲିଙ୍ଗଗତ ବ୍ୟବଧାନ ଦୂରକରିବା ପାଇଁ ଏହା ହେଉଛି ଭାରତ ସରକାରଙ୍କର ଅନ୍ୟ ଏକ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ୨୦୦୪ ମସିହାରେ ସର୍ବଶିକ୍ଷା ଅଭିଯାନ ଅଧିନରେ ଶିକ୍ଷକ୍ଷେତ୍ରରେ ପଛୁଆଥିବା ବ୍ଲକ ଯେଉଁଠାରେ ମହିଳା ସାକ୍ଷରତା ହାର ଜାତୀୟ ସାକ୍ଷରତା ହାରଠାରୁ କମ୍ ଏବଂ ଲିଙ୍ଗଗତ ବ୍ୟବଧାନ ଜାତୀୟହାରଠାରୁ ଅଧିକ ଥିବା ବ୍ଲକ ମାନଙ୍କରେ କାର୍ଯ୍ୟକାରୀ ହେବା ନିମନ୍ତେ ଆରମ୍ଭ ହୋଇଥିଲା । କେ.ଜି.ବି.ଭି.

ଗୁଡିକ ୧୦୦ ସ୍ଥାନ ବିଶିଷ୍ଟ ବାଳିକା ଆବାସିକ ବିଦ୍ୟାଳୟ ଅଟେ । ଯେଉଁ ବ୍ୟବସ୍ଥାରେ ଆଦିବାସୀ, ତଫସିଲଭୁକ୍ତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଶ୍ରେଣୀର ବାଳିକାମାନଙ୍କ ଶିକ୍ଷା ନିମନ୍ତେ ସ୍ଥାପନ କରାଯାଇଛି । ଏହି ବିଦ୍ୟାଳୟ ଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି-

- ପାହାଡ଼ିଆ ଅଞ୍ଚଳରେ ବାସକରୁଥିବା ତଥା କମ୍‌ଜନବସତି ଥିବା ଅଞ୍ଚଳରେ ବାଳିକାମାନଙ୍କୁ ଶୈକ୍ଷିକ ସୁବିଧା ପ୍ରଧାନ ।
- ବିଦ୍ୟାଳୟରେ ନାମ ଲେଖାଇନଥିବା ବାଳିକା ତଥା ଗ୍ରାମାଞ୍ଚଳର ଗରିବ ଯୁବତୀମାନଙ୍କୁ ଏହି ସୁବିଧା ପ୍ରଦାନ ।
- ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଂଯୋଗୀ ପାଠ (bridge course) ମାଧ୍ୟମରେ ଅଧାରୁ ପାଠତ୍ୟାଗୀ ବାଳିକାମାନଙ୍କୁ ସାଧାରଣ ବିଦ୍ୟାଳୟ ସହିତ ସମକକ୍ଷ କରାଇବା ।
- ଘରୋଇ ତଥା ସାନ ଭାଇ ଭଉଣୀଙ୍କ ଯତ୍ନନେବା ଇତ୍ୟାଦି କାର୍ଯ୍ୟରୁ ମୁକ୍ତ ରଖି ଶିକ୍ଷାପ୍ରଦାନ କରିବା ।
- ଆବାସିକା/ହଷ୍ଟେଲ ସୁବିଧା ମାଧ୍ୟମରେ ଗୋଟିଏ ମୁକ୍ତ ଶିକ୍ଷଣ ପରିବେଶର ସୃଷ୍ଟି କରିବା ।
- ମନ୍ଥରଗାମୀ ତଥା ପାଠ୍ୟ ପୁନରାବୃର୍ତ୍ତୀ ଶିକ୍ଷାର୍ଥୀଙ୍କ ନିମନ୍ତେ ଅତିରିକ୍ତ ଶିକ୍ଷାଦାନ / ପ୍ରତିକାରମୂଳକ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ ।
- ଜୀବନ କୌଶଳ ପ୍ରଶିକ୍ଷଣ ପ୍ରଦାନ ।
- ବାଳିକା ସୁଲଭ ଭିତ୍ତି ଭୂମିର ଢାଞ୍ଚା ପ୍ରଦାନ ।

**ମହିଳା ସାମଖ୍ୟ (Mahila Samakhya):**

ବାଳିକା ଓ ମହିଳା ଶିକ୍ଷା ନିମନ୍ତେ ଜାତୀୟ ଶିକ୍ଷାନୀତି ୧୯୮୬ ର ଅବଦାନ ମହନୀୟ ଅଟେ । କେବଳ ଭିତ୍ତି ଭୂମିର ଅଭିବୃଦ୍ଧି ଲିଙ୍ଗଗତ ବୈଷମ୍ୟ ଦୂର କରିବାରେ ସକ୍ଷମ ହେବନାହିଁ । ମହିଳା ନିରକ୍ଷରତା ଦୂରୀକରଣ ଏବଂ ପ୍ରାଥମିକ ଶିକ୍ଷା ପ୍ରବେଶ କ୍ଷେତ୍ରରେ ଉପୁଜୁଥିବା ପ୍ରତିବନ୍ଧକକୁ ପ୍ରତିହତ କରି ସେମାନଙ୍କ ନିମନ୍ତେ ଶିକ୍ଷାର ବ୍ୟବସ୍ଥା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ସରକାର ବାଳିକା ଶିକ୍ଷା ନିମନ୍ତେ ସ୍ୱତନ୍ତ୍ର ସହାୟତା ସହ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି । କାର୍ଯ୍ୟପାଇଁ ଯୋଜନା (Plan Of Action) ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳା ସଶକ୍ତିକରଣ । ଲିଙ୍ଗଗତ ସମାନତା ଆଣିବା କ୍ଷେତ୍ରରେ ସଶକ୍ତିକରଣ ହେଉଛି ଏକ ପୂର୍ବ ପ୍ରସ୍ତୁତି । ଏହି ଲକ୍ଷ୍ୟ ପୂରଣ ନିମନ୍ତେ ମହିଳା ସାମଖ୍ୟା କାର୍ଯ୍ୟକ୍ରମ ୧୯୮୯ ମସିହାରେ ୩ଟି ରାଜ୍ୟ ଯଥା: ଗୁଜୁରାଟ, କର୍ଣ୍ଣାଟକ, ଉତ୍ତରପ୍ରଦେଶର ୧୦ଟି ଜିଲ୍ଲାରେ ଏକ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ୯ଟି ରାଜ୍ୟର ୮୩ଟି ଜିଲ୍ଲାର ୨୧୭୦୭ଟି ଗ୍ରାମରେ କାର୍ଯ୍ୟକାରୀ ହେଉଛି ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ କାରଣ ନିମନ୍ତେ କାର୍ଯ୍ୟକରୁଥିବା ବିଭିନ୍ନ ଶୈକ୍ଷିକ ଯୋଜନା ଯଥା: SSA ଏବଂ DPEP ଏବଂ ପରି ସଂସ୍ଥା ସହିତ ମହିଳା ସାମଖ୍ୟ କାର୍ଯ୍ୟକ୍ରମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମହିଳା ସାମଖ୍ୟ (MS) ହେଉଛି ଏକ ସ୍ୱୟଂଶାସିତ ସଂସ୍ଥା ଯାହାକି

ଟିପ୍ପଣୀ

ଏକ ବେସରକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି । ମାତ୍ର ଏହାର କାର୍ଯ୍ୟ ସଂପାଦନା ମଣ୍ଡଳୀ (Board) ରେ ଉଭୟ ସରକାରୀ ଓ ବେସରକାରୀ ପ୍ରତିନିଧି ମାନେ କାର୍ଯ୍ୟକରନ୍ତି ।

ମହିଳା ସାମଖ୍ୟବିଶ୍ୱାସ କରେ ଯେ ଶିକ୍ଷା ମହିଳା ମାନଙ୍କୁ ସମାଜରେ ସମାନତା ପ୍ରଦାନ କରିବା ନିମନ୍ତେ ସଶକ୍ତ/ ସାମାର୍ଥ୍ୟ କରାଏ । ଏହି କାର୍ଯ୍ୟକ୍ରମ ପରିବର୍ତ୍ତନଶୀଳ ଏବଂ କୌଣସି ଏକନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣରେ ସୀମିତ ନୁହେଁ । ଏହା ନୂତନ ପଦେକ୍ଷପମାନ ଗ୍ରହଣ କରି ଏ କାର୍ଯ୍ୟକ୍ରମକୁ ଏକ ନୂତନ ଦିଶା ଦିଏ । ଏହି ଶିକ୍ଷାର ଉଦ୍ଦେଶ୍ୟ କେବଳ ସାକ୍ଷରତା କରିବା ନୁହଁ ବରଂ ବିଭିନ୍ନ ସମାସ୍ୟା ସମାଧାନ ନିମନ୍ତେ ସମସ୍ୟାଟିକୁ ଗଭୀର ଭାବେ ବ୍ୟାଖ୍ୟା କରି ସମାଧାନରେ ପହଞ୍ଚିବାର ଏକ ପ୍ରକ୍ରିୟା । MS ବିଶ୍ୱାସ କରଯେ ମହିଳା ମାନଙ୍କୁ ନିଜର ସାମର୍ଥ୍ୟ ଅନୁସାରେ ଶିଖିବା ନିମନ୍ତେ ଉପଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଏବଂ ନିଜର ଅଗ୍ରାଧିକାର ଭିତ୍ତିରେ ଓ ନିଜର ପସନ୍ଦ ଅନୁଯାୟୀ ଜ୍ଞାନ ଓ ସୂଚନା ଆହରଣ କରିବା ।

ମହିଳା ସଂଘ ସମୁହ(ଗ୍ରାମର ମହିଳାମାନଙ୍କ ସଂଘ) ଏହି ସମସ୍ତ କାର୍ଯ୍ୟ ଗୁଡ଼ିକୁ ରୂପାୟନ କରିବା ନିମନ୍ତେ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରେ । ଏହା ମହିଳା ମାନଙ୍କୁ ନିଜର ଆବଶ୍ୟକତା ପୂରଣ ଓ ନିଜର ସମସ୍ୟାକୁ ଉପସ୍ଥାପନ କରିବା ନିମନ୍ତେ ସାମୂହିକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ସୃଷ୍ଟିକରେ । ଏହି ମହିଳା ସଂଘ ମାନଙ୍କୁ ସମ୍ବଳ ଓ ପ୍ରଶିକ୍ଷଣ ଯୋଗାଇ ବ୍ଲକ ଏବଂ ଜିଲ୍ଲା ସ୍ତରରେ ଏକ ଗ୍ରୁପ ଦଳ ଭାବେ କାର୍ଯ୍ୟକ୍ରମ କରିବା ପାଇଁ ସହାୟତା ପ୍ରଦାନ କରେ । ଏହି ସଂଘ ଗୁଡିକ ମହିଳାମାନଙ୍କର ସମସ୍ତ ଶୈକ୍ଷିକ ଏବଂ ବିକାଶଗତ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ସହିତ ସେମାନଙ୍କୁ ନିଜ ପରିବାର ତଥା ସନ୍ତାନ ସନ୍ତତିଙ୍କ ଦାୟିତ୍ୱ ଏବଂ ଭରଣ ପୋଷଣ ନିମନ୍ତେ ସମର୍ଥ କରାଏ ।

ଏହା ସହିତ ମହିଳା ସାମଖ୍ୟ (MS)କିଶୋରୀ ବାଳିକା ମାନଙ୍କ ଶିକ୍ଷା ନିମନ୍ତେ ଏବଂ ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ପରିଚାଳନା, ମହିଳା ଶିକ୍ଷଣ କେନ୍ଦ୍ର ( ଅବାସିକ ଘନିଭୂତ ପାଠ ଅଧାରୁ ପାଠ ଛାଡ଼ିଥିବା ବାଳିକା cÛu ^òù«) _eÞk ^ûKÿ øKùeö Gj ûc¤ ^ßKÿ ö_eÞeùe [ âûNPEGEL ଏବଂ K.G.B.P ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାରେ ସରକାରଙ୍କୁ ସହାୟତା ପ୍ରଦାନ କରେ ।

ଏହି ଆଭିମୁଖ୍ୟର ଫଳ ଏମ୍.ଏସ୍. କ୍ଷେତ୍ର ଗୁଡ଼ିକରେ ଦେଖାଯାଏ । ସଂଘର ବିଭିନ୍ନ ପଦକ୍ଷେପ ଗୁଡ଼ିକ ବିଭିନ୍ନ ବିଷୟରେ ଦେଖାଯିବ ଯେପରି

- ସେମାନଙ୍କର ପିଲାମାନଙ୍କୁ ସ୍ୱତନ୍ତ୍ର ଭାବେ ଝିଅ ପିଲାମାନଙ୍କୁ ଶିକ୍ଷା ସୁଯୋଗ ଗୁଡ଼ିକୁ ନିଶ୍ଚିତ କରିବ ।
- ବିଭିନ୍ନ ସାମାଜିକ ସମସ୍ୟା ଯଥା - ଯୌତୁକ, ମହିଳାମାନଙ୍କ ବିରୁଦ୍ଧରେ ହିଂସା ଆଚରଣ, ଦେବଦାସୀ ଏବଂ ଅନ୍ୟାନ୍ୟ ଗୁଡ଼ିକୁ ସମାଧାନ କରିବ ।
- ରାଜନୀତି କ୍ଷେତ୍ରରେ ପ୍ରବେଶ
- ସ୍ୱାସ୍ଥ୍ୟ ଏବଂ ପୃଷ୍ଟିକୁ ନିଜ ନିୟନ୍ତ୍ରଣରେ ରଖିବ ।
- ସମ୍ବଳ ଆହରଣ ଏବଂ ନିୟନ୍ତ୍ରଣ
- ନଗର ସମ୍ବନ୍ଧୀୟ ମୁଖ ଦାୟକ ବସ୍ତୁର ଉନ୍ନତି

ଏହା ଫଳରେ, ସେମାନଙ୍କର(ମହିଳା) ଜୀବନ ଧାରଣରେ ପରିବର୍ତ୍ତନ ଆସିଛି । ବାଳିକା ଏବଂ ମହିଳା ମାନଙ୍କ ଶିକ୍ଷା ନିମନ୍ତେ ଏକ ଆହ୍ୱାନ ସୃଷ୍ଟି ହେଉଛି ।

ଟିପ୍ପଣୀ

**ନିଜର ପ୍ରଗତି ପରଖିବା-୨**

1. ନିମ୍ନରେ ଦିଆଯାଉଥିବା ସଠିକ୍ ଉତ୍ତର ବାଛି ଉକ୍ତିଗୁଡ଼ିକୁ ପୂରଣ କର-

୧. -------ଆଧାରରେ ଶିକ୍ଷାରେ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନିମନ୍ତେ ଭାରତ ପ୍ରତିଶ୍ରୁତି ବଦ୍ଧ ଅଟେ । ।

କ. ଧାରା ୪୫ ଖ. CEDAW

ଗ. RTE,ACT ଘ. ଧାରା୧୫(୩)

୨. RTE,ACT ଶିକ୍ଷା ଅଧିକାର ଅଧିନିୟମରେ ------------ବର୍ଷରେ ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାବ୍ୟବସ୍ଥା ହୋଇଛି ।

(କ) ୮-୧୪ ବର୍ଷ (ଖ) ୯-୧୮ ବର୍ଷ

(ଗ). ୬-୧୪ବର୍ଷ (ଘ) ୬-୧୨ବର୍ଷ

୩. ଧାରା ୪୫ରେ ଆମ ସମ୍ବିଧାନ ଶିକ୍ଷାର ଦାୟିତ୍ୱ ---------ଉପରେ ପ୍ରଦାନ କରିଛି ।

କ. ରାଜ୍ୟ ଖ. ଗୋଷ୍ଠୀ

ଗ. ଶିକ୍ଷକ ଘ. ଅଭିଭାବକ

2. ବାଳିକା ଶିକ୍ଷା ନିମନ୍ତେ ଯେଉଁ ନୀତି ସ୍ୱୀକୃତି ପ୍ରଦାନ କରୁଛି ତାହାର ନାମ ଲେଖ ଏବଂ ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ତାଲିକା କର ।

3. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ-

୧.ବାଳିକା ଶିକ୍ଷାନିମନ୍ତେ କିଏ ଦାୟୀ ?

କ. ପିତାମାତା ଖ. ଖ.ଗୋଷ୍ଠୀ

ଗ. ରାଜ୍ୟ ଘ. କୌଣସଟି ନୁହେଁ ଙ. ସମସ୍ତ

୨. 'ଅପହଞ୍ଚ ଇଲାକା'ର ବାଳିକା ମାନଙ୍କ ନିମନ୍ତେ ଶୈକ୍ଷିକ ପଦକ୍ଷେପ-

(କ) ମୋରାଜୀ ଦେଶାଇ ବିଦ୍ୟାଳୟ (ଖ) କେ.ଜି.ବି.ଭି ସମୁହ

(ଗ) NPEGGL (ଘ) ମହିଳା ଶିକ୍ଷଣ କେନ୍ଦ୍ର ସମୁହ

୩. ଆଦର୍ଶ ଆଞ୍ଚଳିକ ବିଦ୍ୟାଳୟ ସମୂହକୁ------ସହାୟତା ଯୋଗାଏ ।

(କ) KGBV (ଖ) MS

(ଗ) NPEGGL (ଘ) ମହିଳା ଶିକ୍ଷଣ କେନ୍ଦ୍ର ସମୂହ

୪. ଆଦିବାସୀ, ହରିଜନ ଏବଂ ସଂଖ୍ୟାଲଘୁ ବାଳିକାମାନଙ୍କ ନିମନ୍ତେ ଆବାସିକ ବିଦ୍ୟାଳୟ

(କ) KGBV (ଖ). Navodaya Schools

(ଗ). NPEGGL (ଘ) କୌଣସଟି ନୁହେଁ

୫. 'ଶିକ୍ଷା ପାଇଁ ସମାନତା'କାହାର ଉଦ୍ଦେଶ୍ୟ ଅଟେ ?

(କ) KGBV (ଖ) MS

(ଗ) NPEGGL (ଘ) କୌଣସିଟି ନୁହଁ ।

**୧୨.୫: ବାଳିକା ଏବଂ ମହିଳାମାନଙ୍କୁ ସଶକ୍ତି କରଣ ନିମନ୍ତେ ବିଭିନ୍ନ ସଂସ୍ଥାମାନଙ୍କର ଭୂମିକା**

**୧୨.୫.୧: ସରକାରଙ୍କ ଭୂମିକା**

ସରକାରଙ୍କର ଗୋଟିଏ ଉଚ୍ଚ ଅଗ୍ରାଧୀକାର ହେଉଛି ବାଳିକାମାନଙ୍କ ଶିକ୍ଷା । ବର୍ତ୍ତମାନ ଶିକ୍ଷା ପ୍ରତ୍ୟେକ ୬ ରୁ ୧୪ ବର୍ଷ ବୟସର ପିଲାର ଅଧିକାର ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ବୟସର ପିଲାମାନଙ୍କୁ ଅବୈତନିକ ଏବଂ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବା ରାଜ୍ୟ ସରକାରଙ୍କର ଦାୟିତ୍ୱ ଅଟେ ।

ସମାଜର ପରିବର୍ତ୍ତନ ନିମନ୍ତେ ଶିକ୍ଷା ଏକ ମୁଖ୍ୟ ହତିଆର ଅଟେ । ବାଳିକାମାନଙ୍କ କ୍ଷେତ୍ରରେ, ଶିକ୍ଷା ସେମାନଙ୍କର ଜୀବନର ଗତି ପରିବର୍ତ୍ତନ କରିବା ଏବଂ ସମାନତା ଅଧିକାର ପ୍ରାପ୍ତ ହେବା ନିମନ୍ତେ ସଶକ୍ତ କରାଏ । ଏଣୁ ମିଲେନିୟମ୍ ଡେଭଲପ୍‌ମେଣ୍ଟ ସହିତ ଲକ୍ଷ୍ୟ ହାସଲ ସମ୍ଭବ ଅଟେ ।

(MDG) ଅନୁସାରେ ଶିକ୍ଷା ପ୍ରବେଶ କ୍ଷେତ୍ରରେ ଥିବା ଲିଙ୍ଗଗତ ବୈଷମ୍ୟକୁ ଦୂରକରିବା ଏବଂ ଲିଙ୍ଗଗତ ସମତୁଲ୍ୟତା / ସମାନତା ଆଣିବା ସରକାରଙ୍କର ନୈତିକ କର୍ତ୍ତବ୍ୟ ଅଟେ । ଏହି ପ୍ରୟାସ/ଲକ୍ଷ୍ୟକୁ ସଫଳ କରିବା ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଯଥା:

୧. ଅଗ୍ରାଧିକାର ଭିତ୍ତିରେ ବାଳିକା ମାନଙ୍କ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇବା ।

୨. ଉପଯୁକ୍ତ ନୀତି ଏବଂ କାର୍ଯ୍ୟରେ ପରିଣତ କରିବା କୌଶଳ ମାଧ୍ୟମରେ ନାମ ଲେଖା ଓ ଅବଧାରଣାରେ ସମାନତାକୁ ନିଶ୍ଚିତ କରିବା ।

୩. ବାଳିକାମାନଙ୍କ ଶିକ୍ଷା କ୍ଷେତ୍ରରେ ନୀତିପ୍ରଣୟନ, ରୂପାୟନ ଓ ମୂଲ୍ୟାୟନ ଇତ୍ୟାଦି କାର୍ଯ୍ୟକ୍ରମ ତଥା ଲିଙ୍ଗଗତ ସମ୍ବେଦନଶୀଳପାଠ୍ୟକ୍ରମ ପ୍ରସ୍ତୁତିରେ ସମସ୍ତ ଦାୟିତ୍ୱବାନ ବ୍ୟକ୍ତି, ଶିକ୍ଷା ବିଶେଷଜ୍ଞ, ବେସରକାରୀ ସଂସ୍ଥା ଗୁଡିକ ଏବଂ ମହିଳା ସଂଗଠନଗୁଡ଼ିକୁ ସାମିଲ କରାଇବା ।

୪. ପ୍ରୋତ୍ସାହନ ମୂଳକ ପଦକ୍ଷେପ ଯଥା: ମାଗଣା ପୁସ୍ତକ, ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ସୁବିଧା

ଯଥା: ବାଳିକାମାନଙ୍କ ନିମନ୍ତେ ହଷ୍ଟେଲ୍, ଗମନାଗମନର ସୁବିଧା, ଶିଶୁ ଯତ୍ନ କେନ୍ଦ୍ର ଇତ୍ୟାଦିର ବ୍ୟବସ୍ଥା କରିବା ।

୫. ୫୦ ପ୍ରତିଶତ ମହିଳା ଶିକ୍ଷକ ନିଯୁକ୍ତି ।

୬. ଶିକ୍ଷକ, ଶିକ୍ଷକ ପ୍ରଶିକ୍ଷକ ଏବଂ ଯୋଜନାକାରୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ଥିବା ଲିଙ୍ଗଗତ ସମସ୍ୟା ବିଷୟରେ ସମ୍ବେଦନଶୀଳ କରାଇବା ।

୭. ଅଭିନବ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ।

୮. କାର୍ଯ୍ୟକ୍ରମର ନିୟମିତ ଏବଂ ସାମୟିକ ସମୀକ୍ଷା କରିବା ।

### ୧୨.୫.୨ : ସ୍ୱେଚ୍ଛାସେବୀ ଅନୁଷ୍ଠାନ (NGO) ର ଭୂମିକା

ରାଜ୍ୟରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ ଦାୟିତ୍ୱ ଏନ୍.ଜି.ଓ ତୁଲାଇ ପାରିବ ନାହିଁ । ସେଗୁଡ଼ିକ ସକ୍ରିୟ ଅଂଶୀଦାର ଭାବେ କାର୍ଯ୍ୟ କରିପାରିବେ । ଏହି ସଂସ୍ଥା ଗୁଡିକର ଗୋଷ୍ଠୀ ସହିତ ପ୍ରତ୍ୟେକ୍ଷ ଏବଂ ବ୍ୟକ୍ତିଗତ ସଂପର୍କ ରହିଥିବାରୁ ସେମାନେ ବାଳିକାମାନଙ୍କ ଶିକ୍ଷା ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବାପାଇଁ ସକ୍ଷମ ହେବେ । ସେମାନେ ବାଳିକାଶିକ୍ଷା ଏବଂସଶକ୍ତିକରଣ ନିମନ୍ତେ ବିଭିନ୍ନ ଭୂମିକା ଗ୍ରହଣ କରନ୍ତି । ଯଥା:

- ଲୋକମାନଙ୍କ ମନରେ ବାଳିକା ଶିକ୍ଷା ପ୍ରତି ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରୀଭୂତ କରି ସେମାନଙ୍କୁ ସଚେତନ କରାଇବା ।
- ସରକାରଙ୍କର ବିଭିନ୍ନ ଶୈକ୍ଷିକ ଯୋଜନା ଓ ନୀତି ଯଥା: ଲିଙ୍ଗଗତ ସମ୍ବେଦନଶୀଳ କାର୍ଯ୍ୟକ୍ରମ ଆୟୋଜନ, ଗୋଷ୍ଠୀ ସହାୟତା ବୃଦ୍ଧି ଏବଂ ଲିଙ୍ଗଗତ ସମ୍ବେଦନଶୀଳ ପାଠ୍ୟକ୍ରମ ପ୍ରସ୍ତୁତି ଇତ୍ୟାଦିକୁ କାର୍ଯ୍ୟକାରୀ କରାଇବା ।
- ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ସ୍ୱାଧୀନ ଭାବେ କାର୍ଯ୍ୟକାରୀ କରିବା ଯଥା: ବିକଳ୍ପ ବିଦ୍ୟାଳୟ ମାନଙ୍କର ପରିଚାଳନା, ଅଣ-ଅନୁଷ୍ଠାନିକ କେନ୍ଦ୍ର, ଅବହେଳିତ ବାଳିକାମାନଙ୍କ ପାଇଁ ହଷ୍ଟେଲ୍‌ର ସୁବିଧା, ପ୍ରୌଢ଼ -ସାକ୍ଷରତା କ୍ୟାମ୍ପ ଆୟୋଜନ, ଅଭିନବ ଶିକ୍ଷଣ ପଦ୍ଧତି ପ୍ରସ୍ତୁତ, ସାହାଯ୍ୟକାରୀ ସେବାପ୍ରଦାନ ଯଥା: ଶିଶୁ ଯତ୍ନ କେନ୍ଦ୍ର କିଶୋରୀମାନଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ ଇତ୍ୟାଦି ।
- ଏକଲବ୍ୟ, ପ୍ରଥମ, ମହିଳା ସାମଖ୍ୟ, ଲୋକଜମିସ୍ୱ ଇତ୍ୟାଦି ଶୈକ୍ଷିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଗ୍ରହଣ ।

### ୧୨.୫.୩: ସ୍ଥାନୀୟ ସଂସ୍ଥା, ଗୋଷ୍ଠୀ, ଏସ୍‌ଡିଏମ୍‌ସିର ଭୂମିକା

ସମସ୍ତଙ୍କ ପାଇଁ ଶିକ୍ଷା (Education For All) ର ଉଦ୍ଦେଶ୍ୟ ପୂରଣ ନିମନ୍ତେ ଗ୍ରାମପଞ୍ଚାୟତ/ ନିଗମ ମାନଙ୍କ ଭଳି ସ୍ଥାନୀୟ ସଂସ୍ଥା ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାର ସଦସ୍ୟମାନେ ପିତାମାତା/ଅଭିଭାବକ ମାନଙ୍କୁ ନିଜର ଝିଅମାନଙ୍କୁ ବିଦ୍ୟାଳୟକୁ ପଠାଇବା ନିମନ୍ତେ ପ୍ରବର୍ତ୍ତାଇ ପାରିବେ । ଶୈକ୍ଷିକ କାର୍ଯ୍ୟକ୍ରମରେ ଗୋଷ୍ଠୀମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଶିକ୍ଷକମାନଙ୍କୁ ସହାୟତା ପ୍ରଦାନ କରିପାରିବେ । ଶିକ୍ଷାର ବିକାଶ ଏବଂ ଦୁର୍ବଳ / ଅବହେଳିତ ବର୍ଗଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିବା ଏହି ସ୍ଥାନୀୟ ସଂସ୍ଥା ମାନଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । ବାଳିକାମାନଙ୍କୁ ଘରୋଇ କାର୍ଯ୍ୟରୁ ମୁକ୍ତ କରି ବିଦ୍ୟାଳୟରେ ସେମାନଙ୍କର ଉପସ୍ଥାନ ଏବଂ ଶ୍ରେଣୀ

ଟିପ୍ପଣୀ

ଟିପ୍ପଣୀ

ଗୃହରେ ସେମାନଙ୍କର ଉପଲବ୍ଧି ସ୍ତର ବୃଦ୍ଧି ନିମନ୍ତେ ଗ୍ରାମର ପାନୀୟଜଳ ଯୋଗାଣର ବ୍ୟବସ୍ଥାଭଳି କାର୍ଯ୍ୟକ୍ରମ ମାନ ଗ୍ରହଣ କରିବା ଏହି ସଂସ୍ଥା ଗୁଡ଼ିକର ଅନ୍ୟ ଏକ ଗୁରୁଦାୟିତ୍ୱ ଅଟେ ।

ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଯେକୌଣସି କାର୍ଯ୍ୟରେ ସଫଳତା ଆଣିଥାଏ । । ଏଣୁ ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଅତ୍ୟାବଶ୍ୟକ ଅଟେ, ଏବଂ ଲୋକମାନଙ୍କ ମନରେ ବାଳିକା ଶିକ୍ଷା ପ୍ରତି ଥିବା ପାରମ୍ପରିକ ପକ୍ଷପାତ ମନୋଭାବରେ ପରିବର୍ତ୍ତନ ଆଣିବା ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ମାଆମାନେ, ପ୍ରତିନିଧି ଏବଂ ବିଦ୍ୟାଳୟ କର୍ମଚାରୀମାନଙ୍କ ସହିତ ଆଲୋଚନା କରିବା ନିମନ୍ତେ ବିଦ୍ୟାଳୟ ବିକାଶ ଏବଂ ତଦାରଖ ସମିତି ଏକ କେନ୍ଦ୍ର ଭାବେ କାର୍ଯ୍ୟକରେ । ଏହା କେବଳ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ପିଲାମାନଙ୍କର ଉପଲବ୍ଧ ସ୍ତରକୁ ତଦାରଖ କରେ ତାହା ନୁହେଁ ବରଂ  ବିଭିନ୍ନ ନୀତି ପ୍ରଣୟନ/ଯୋଜନା ଏବଂ ସମସ୍ୟା ସମାଧାନ ସ୍ଥାନୀୟ ଭାବରେ କରେ । ଏହା ବିଦ୍ୟାଳୟମାନଙ୍କରେ ଭିତ୍ତି ଭୂମି ସମ୍ବନ୍ଧୀୟ ସୁବିଧା ଯଥା: ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ବିଦ୍ୟାଳୟର ପାନୀୟଜଳ ସୁବିଧା, ଇତ୍ୟାଦିକୁ ଅନୁଧ୍ୟାନ କରି ବିଭାଗକୁ ଏହାର କାର୍ଯ୍ୟ ନିମନ୍ତେ ସୁପାରିଶ କରେ । ଆଞ୍ଚଳିକ ସହାୟତା ଓ ସମ୍ବଳକୁ ସମ୍ବେଦନଶୀଳ କରାଇବା ଏଇ ସଂସ୍ଥା ସାହାଯ୍ୟ କରେ ।

**୧୨.୫.୪: ବାଳିକା ସଶକ୍ତିକରଣ ନିମନ୍ତେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ଭୂମିକା:**

ପିଲାର ପରିଚୟ ସୃଷ୍ଟି କରିବା ନିମିତ୍ତ ସାମାଜିକ ଅନୁଷ୍ଠାନ ଭାବରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପରିବର୍ତ୍ତନର ବାହକ/ପ୍ରତିନିଧି ଭାବେ ଶିକ୍ଷକଙ୍କର ପ୍ରଭାବ/ଭୂମିକାକୁ ହେୟଜ୍ଞାନ କରିପାରିବା ନାହିଁ । ପିଲାମାନଙ୍କର ଚିନ୍ତାଧାରାକୁ ନୂତନ ଧାରଣା, ଭାବନା ଓ ଅଭ୍ୟାସ ଗୁଡ଼ିକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି ।

୧. ସାଧାରଣ ଶ୍ରେଣୀକକ୍ଷରେ ଜଣେ ଗତିଶୀଳ/ସକ୍ରିୟ ଶିକ୍ଷକ ଶିକ୍ଷଣ ପରିବେଶ ସୃଷ୍ଟି କରିପାରନ୍ତି ଯେଉଁଠାରେ ବାଳକମାନଙ୍କୁ ସଫଳ ହେବା ପାଇଁ ପ୍ରୋତ୍ସାହିତ ହେବାବେଳେ ଝିଅମାନେ ହୁଅନ୍ତି ନାହିଁ । ସାଧାରଣତଃ ଦେଖାଯାଏ ଯେ ବାଳକମାନେ ଶିକ୍ଷକଙ୍କଠାରୁ ଅଧିକ ଧ୍ୟାନ ପାଇଥାନ୍ତି । ଶିକ୍ଷକ ମାନେ ବାଳକ ମାନଙ୍କୁ ଅଧିକ ପ୍ରଶ୍ନ ପଚାରିଥାନ୍ତି, ସେମାନଙ୍କୁ ଅଧିକ ସୁଯୋଗ ଦେଇଥାନ୍ତି ଓ ଉତ୍ତର ଦେବା ନିମିତ୍ତ ଅଧିକ ଉତ୍ସାହିତ ହୁଅନ୍ତି ଏହା ବିଶେଷତଃ ଗଣିତ ଏବଂ ବିଜ୍ଞାନ ଶ୍ରେଣୀରେ ଦେଖିବାକୁ ମିଳେ । ଏହି ଲିଙ୍ଗଗତ ପ୍ରାଧାନ୍ୟ ମନୋଭାବ ସିଧାସଳଖ ପିଲାର ବ୍ୟକ୍ତିତ୍ୱ ଗଠନରେ ପ୍ରଭାବ ପକାଇଥାଏ । ବାଳିକାମାନଙ୍କର ଅଂଶଗ୍ରହଣ ବହୁତ କମ୍ ପରିମାଣରେ ଥାଏ, ଏଣୁ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନ ସନ୍ତୋଷଜନକ ହୁଏ ନାହିଁ । ଏଣୁ ଶିକ୍ଷକଙ୍କୁ ଏଥିପ୍ରତି ସଚେତନ ହେବା ଆବଶ୍ୟକ ଏପରି ବୈଷମ୍ୟତା ପ୍ରଦର୍ଶନ କ୍ଷେତ୍ରରେ ନିଜକୁ ଦୂରେଇ ରଖିବା ଉଚିତ୍ । ସେ ନିଜକୁ ଏଭଳି ପରିସ୍ଥିତିରେ ସଫଳତାର ସହ ସମାଧାନ ନିମିତ୍ତ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ସେ ସମସ୍ତଙ୍କୁ (ଉଭୟ ବାଳକ ଏବଂ ବାଳିକା) ସମାନ ସୁବିଧା ସୁଯୋଗ ପ୍ରଦାନ ଦୃଷ୍ଟି ଆକର୍ଷଣ ଏବଂ ପ୍ରଶଂସା ନିମନ୍ତେ ସୁନିଶ୍ଚିତ କରିବା ଉଚିତ୍ । ସଶକ୍ତିକରଣ ପ୍ରକ୍ରିୟାରେ ଶିକ୍ଷକ ପରମ୍ପରାଗତ/ଧରାବନ୍ଧା କାର୍ଯ୍ୟ କଳାପକୁ ଉତ୍ସାହିତ କରିବା ଅନୁଚିତ୍ ।

୨.ଜଣେ ମହିଳା ଶିକ୍ଷକ ତା'ର ଛାତ୍ରଛାତ୍ରୀମାନଙ୍କର ଜଣେ ପ୍ରତିଛବି ଅଟେ । ତେଣୁ ତାଙ୍କର ମନୋଭାବ, ବ୍ୟବହାର, କାର୍ଯ୍ୟକଳାପ, ଦୃଷ୍ଟିଭଙ୍ଗୀ, କାର୍ଯ୍ୟପ୍ରଣାଳୀ, ପଦ୍ଧତି, ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କର ବିଶେଷତଃ ବାଳିକାମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ ଏବଂ ପରିବର୍ତ୍ତନ କରିପାରିବ ।

ବିଶେଷତଃ ଗ୍ରାମାଞ୍ଚଳରେ ମହିଳା ଶିକ୍ଷକମାନଙ୍କ ସଂଖ୍ୟା ସହିତ ବାଳିକାମାନଙ୍କର ବିଦ୍ୟାଳୟରେ ନାମ ଲେଖାରେ ପରସ୍ପର ସଂପର୍କ ରହିଥିବାର ଦେଖାଯାଏ । କେତେକ ପିତାମାତାଙ୍କର ରକ୍ଷଣଶୀଳ ମନୋଭାବ

ସେମାନଙ୍କର ଝିଅମାନଙ୍କୁ ଜଣେ ପୁରୁଷଶିକ୍ଷକଙ୍କ ଠାରେ ପଢାଇବାକୁ ଅନୁମତି ଦେଇନଥାଏ । ସେମାନେ ଜଣେ ମହିଳା ଶିକ୍ଷକଙ୍କଠାରେ ନିଜର ଝିଅକୁ ପାଠପଢିବାକୁ ଛାଡିବା ପାଇଁ ସୁରକ୍ଷିତ ମନେରଖନ୍ତ ।




୩. ବିଦ୍ୟାଳୟ ସମସ୍ତ କାର୍ଯ୍ୟକ୍ରମରେ ବାଳିକାମାନଙ୍କର ଅଂଶଗ୍ରହଣ ନିମନ୍ତେ ଶିକ୍ଷକ ଉତ୍ସାହିତ କରିବା ଉଚିତ୍ । ଏଥିନିମନ୍ତେ ବିଦ୍ୟାଳୟ ପରିବେଶକୁ ବାଳିକା-ସୁଲଭ ଭାବେ ଗଢି ସେମାନଙ୍କର ଅଂଶଗ୍ରହଣରେ ବୃଦ୍ଧି କରାଇବା ଆବଶ୍ୟକ ।

୪ ଶିକ୍ଷକ ହିସାବରେ, ଗୋଷ୍ଠୀ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ସ୍ଥାପନ କରି ସେ ପିତାମାତା/ ଅଭିଭାବକ ଏବଂ ସମାଜରେ ଥିବା ରୁଢିବାଦୀ ଚିନ୍ତାଧାରା କୁପ୍ରଥା ଓ ଅନ୍ଧବିଶ୍ୱାସକୁ ଦୂରକରି, ବାଳିକାମାନଙ୍କୁ ପାଠପଢିବା ନିମନ୍ତେ ବିଦ୍ୟାଳୟକୁ ଛାଡ଼ିବା ନିମନ୍ତେ ପ୍ରବର୍ତ୍ତାଇ ପାରିବେ/ ଅଭୀପ୍ରେରିତ କରିପାରିବେ । ସେ ମଧ୍ୟ ଗୋଷ୍ଠୀକୁ ସଞ୍ଚାଳିତ କରି ବାଳିକା ମାନଙ୍କ ଶିକ୍ଷାନିମନ୍ତେ ଉତ୍ସାହିତ କରିପାରିବେ ।

<u>ନିଜ ପ୍ରଗତି ପରଖିବା-୪</u>

୧.ନିଜ ଅଞ୍ଚଳରେ କାର୍ଯ୍ୟ କରୁଥିବା NGO ର ନାମଲେଖ ଏବଂ ସେଗୁଡିକର ବାଳିକା ଶିକ୍ଷାନିମନ୍ତେ ଅବଦାନ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଲେଖ ।

୨.ଶିକ୍ଷକ ହିସାବରେ ନିମ୍ନଲିଖିତ ସମସ୍ୟା ସମାଧାନ ନିମନ୍ତେ ତୁମେ କେଉଁଟିକୁ ଯିବ ? ସଠିକ୍ ଉତ୍ତର ବାଛ-

କ. ଗ୍ରାମ ପଞ୍ଚାୟତ

ଖ. ଗୋଷ୍ଠୀ

ଗ. ଶିକ୍ଷା ବିଭାଗ

ଘ. ବିଦ୍ୟାଳୟ ବିକାଶ ତଦାରଖ ସମିତି

ଙ. ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ

ଚ. ସାମାଜିକ କଲ୍ୟାଣ କାର୍ଯ୍ୟାଳୟ

୧. ବାଳିକାମାନେ ନିୟମିତ ନୁହଁନ୍ତି କାରଣ ସେମାନେ ସାନ ଭାଇମାନଙ୍କର ଯତ୍ନ ନେବାକୁ ପଡିଥାଏ

୨. ଶୌଚାଳୟର ସୁବିଧା ନଥିବାରୁ ମଧ୍ୟାହ୍ନ ବିରତି ପରେ ଝିଅମାନେ ଘରକୁ ଯାଆନ୍ତି ।

୩. ଝିଅମାନେ ଭଲ ପ୍ରଦର୍ଶନ କରୁନାହାଁନ୍ତି ।

୪. ଖରାଦିନେ ପିଇବାପାଣିର ସମସ୍ୟା ଦେଖାଦିଏ । ଝିଅମାନେ ପିଇବାପାଣି ସଂଗ୍ରହରେ ବ୍ୟସ୍ତ ରୁହନ୍ତି,ତେଣୁ ଉପସ୍ଥାନ କମ୍ ଥାଏ ।

୫. ବାଳିକାମାନେ ଶ୍ରମିକ କାମ କରିବାକୁ ଯାଉଛନ୍ତି । ତେଣୁ ଉପସ୍ଥାନ କମ୍ ଅଟେ ।

୩. ଜଣେ ଶିକ୍ଷକ ହିସାବରେ ବାଳିକା ସଶକ୍ତିକରଣ ନିମନ୍ତେ ତୁମର ଭୂମିକା/ ଅବଦାନ ଉଲ୍ଲେଖ କର ।

ଟିପ୍ପଣୀ

## ୧୨.୬ ସାରାଂଶ

- କ୍ଷମତା ବିକେନ୍ଦ୍ରୀକରଣର ଅସମାନତା ସମାଜରେ ଲିଙ୍ଗଗତ ବୈଷ୍ୟମତା ସୃଷ୍ଟି କରେ । ଏହି ବୈଷ୍ୟମତା ପୁରୁଷ ପ୍ରଧାନ ସମାଜରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ଶୋଷଣର କୁପ୍ରଭାବ ପକାଏ ।

- ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ନିମନ୍ତେ ମହିଳା ମାନଙ୍କୁ ସଶକ୍ତ ହେବା ଆବଶ୍ୟକ । ଶିକ୍ଷା ମହିଳା ସଶକ୍ତିକରଣର ଏକ ମାଧ୍ୟମ ଅଟେ ।

- ସଶକ୍ତିକରଣ ମହିଳା ମାନଙ୍କର ଦକ୍ଷତାକୁ ଅଭିବୃଦ୍ଧି କରେ, ଶିକ୍ଷା ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରେ ଏବଂ ସୁଯୋଗ ସୃଷ୍ଟି କରାଏ । ଏହା ସେମାନଙ୍କର ଆତ୍ମ-ସମାନ ବୋଧକୁ ବୃଦ୍ଧି କରିବା ସହିତ ବ୍ୟକ୍ତିଗତ ଏବଂ ରାଜନୀତି ଜୀବନ କ୍ଷେତ୍ରରେ ସିଦ୍ଧାନ୍ତ ଗ୍ରହଣ ଦକ୍ଷତାକୁ ବୃଦ୍ଧି କରେ ।

- ବାଳିକା ଶିକ୍ଷାରେ ସମାନତା ପ୍ରାପ୍ତି ଜରୁରୀ ଅଟେ ।

- ବାଳିକା ଶିକ୍ଷାକୁ ସରକାର ଅଗ୍ରାଧିକାର କ୍ଷେତ୍ରରୂଣ ଗ୍ରହଣ କରନ୍ତି ଏବଂ ସେମାନଙ୍କୁ ଶିକ୍ଷାରେ ପ୍ରବେଶ ନିମନ୍ତେ ବିଭିନ୍ନ ପଦେକ୍ଷପ ନେବା ନିମିତ୍ତ ପ୍ରତିଶ୍ରୁତିବଦ୍ଧ ଅଟନ୍ତି ।

- NPEGGL,KGBV ଏବଂ MS ଗ୍ରାମୀଣ ମହିଳା ଏବଂ ବାଳିକାମାନଙ୍କ ଶିକ୍ଷା ଏବଂ ସଶକ୍ତିକରଣ ନିମନ୍ତେ କାର୍ଯ୍ୟକ୍ରମ ଅଟନ୍ତି ।

- ବାଳିକା ସଶକ୍ତିକରଣ ନିମିତ୍ତ ଜୀବନ କୌଶଳ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଅଟେ ।

- ବାଳିକାମାନଙ୍କୁ ସଶକ୍ତିକରଣ କରିବା ପାଇଁ ଶିକ୍ଷକଙ୍କ ଭୂମିକା ମୁଖ୍ୟ ଅଟେ ।

## ୧୨.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର ପରଖିବା ଉତ୍ତର

### ନିଜ ପ୍ରଗତି ପରଖିବା-୧

1. ମେଳକ କରାଅ :

୧.ଘ, ୨.କ, ୩.ଖ, ୪.ଙ, ୫.ଗ, ୬.ଛ , ୭.ଚ,

### ନିଜ ପ୍ରଗତି ପରଖିବା -୨

୧-ଉକ୍ତି ପୂରଣ କର

୧.ଖ ୨.ଗ ୩.କ

3. ପ୍ରଶ୍ନର ଉତ୍ତର ଦିଅ-

୧) ଙ ୨)ଗ ୩)ଗ ୪)କ ୫)ଖ

ଟିପ୍ପଣୀ

**ନିଜ ପ୍ରଗତି ପରଖିବା -୩**

୧.ସତ୍ୟ କିମ୍ବା ମିଥ୍ୟା ଦର୍ଶାଅ

କ. ସତ୍ୟ    ଖ. ମିଥ୍ୟା    ଗ. ସତ୍ୟ    ଘ. ସତ୍ୟ

ଙ. ମଥା    ଚ. ସତ୍ୟ    ଛ. ସତ୍ୟ    ଜ. ସତ୍ୟ

ନିଜ ପ୍ରଗତି ପରଖିବା -୪

୧. ଙ    ୨.କ    ୩.ଖ ଏବଂ ଘ    ୪. କ ୫.ଖ

୧୨.୮:ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

1. National Policy on Education 1986-http://education.nic.in/policy/npe86-mod 92
2. National Policy for Empowermentof women, 2001- http://wcd.nic.in/empwomen.htm
3. NPEGEL –http://ssa.nic.in/girls-education/npegel
4. Kasturaba Gandhi BalikaVidyalaya – education.nic.in/kgbv_guidelines.asp

MahilaSamakhya –http://www.education.nic.in/ms/ms.asp

**୧୨.୯ : ପଠାନ୍ତ ପ୍ରଶ୍ନାବଳୀ**

**ପ୍ରକଳ୍ପ କାର୍ଯ୍ୟ**

ନିଜର ପିଲାମାନଙ୍କୁ ପ୍ରବର୍ତ୍ତାଇବା ନିମିତ୍ତ ଖବର କାଗଜ ଓ ପତ୍ରିକାରୁ ସଶକ୍ତ ମହିଳା ଯେଉଁମାନେ ଧରାବନ୍ଧା / ଗତାନୁଗତିକ ଜୀବନ ଧାରାରୁ ମୁକ୍ତ ହୋଇ ସମାଜରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି ସେମାନଙ୍କର ଛବି ସଂଗ୍ରହ କରି ଏକ ଋଟ ପ୍ରସ୍ତୁତ କର ।

ଉଦାହରଣ

| କ୍ର:ନଂ | ଫଟୋ । ଚିତ୍ର | ବ୍ୟକ୍ତିଙ୍କ ନାମ | କ୍ଷେତ୍ର | ସଫଳତା |
|---|---|---|---|---|
| | | | | |